# ଓଡ଼ିଶା ବିଧାନସଭା

## ପଞ୍ଚମ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୮ ଡିସେମ୍ବର, ୨୦୨୫

----

**[ସ୍ୱରାଷ୍ଟ୍ର - ଅର୍ଥ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ - ସଂସଦୀୟ ବ୍ୟାପାର - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା - 259**

----

### IT Companies ତଥ୍ୟ ପ୍ରଦାନ

1333 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ବର୍ତ୍ତମାନ କେତୋଗୋଟି IT କମ୍ପାନୀ କେଉଁ କେଉଁ ସ୍ଥାନରେ ଅଛି, ଏହି କମ୍ପାନୀ ମାଧ୍ୟମରେ କେତେ ରୋଜଗାର ମିଳିଛି, ସେଥିମଧ୍ୟରୁ ଓଡ଼ିଆଙ୍କ ସଂଖ୍ୟା କେତେ, ତାହା ପ୍ରଦାନ କରିବେ କି ; (ଖ) ଗତ ୬ ମାସ ମଧ୍ୟରେ କେତେଗୋଟି ନୂଆ IT କମ୍ପାନୀ ଓଡ଼ିଶାକୁ ଆସିଛି ଓ ସେମାନଙ୍କର ସ୍ଥିତି ଓ ରୋଜଗାର କେତେ ମିଳିଛି ?

----

### ଇଭିଯାନ ପ୍ରଚଳନ

1703 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କେଉଁ କିସମର କେତୋଟି ବିଦ୍ୟୁତ୍ ଚାଳିତ ଯାନ (ଇଭି) ଚଳାଚଳ କରୁଛି; ସରକାରଙ୍କର କେଉଁ ବିଭାଗ କେତୋଟି ଚାରି ଚକିଆ ଇଭି ଯାନ ଖରିଦ କରିଛନ୍ତି ଓ ସମସ୍ତ ବିଭାଗ କେବେସୁଦ୍ଧା ଇଭି ବ୍ୟବହାର କରିବାର ଯୋଜନା ରହିଛି; ଇଭି କ୍ରେତାମାନଙ୍କୁ ବର୍ତ୍ତମାନ ସୁଦ୍ଧା କେଉଁ କିସମର ଯାନ ପାଇଁ କେତେ ସବସିଡ୍ ପ୍ରଦାନ କରାଯାଇଛି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## Illegal conversion of land

1745 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) Whether has the member, Board of Revenue, Cuttack completed the inquiry into the matter of Illegal conversion of kissam of a leased land vide Plot No.-309, Khata No.-493, Mouza-patia leased out for industry to Gharbari purpose violating provision of OLR Act, if so, who are found to be responsible (b) will the Government initials departmental proceeding against government officials involved and also criminal proceeding against the persons as the matter involving criminal conspiracy?

----

## ବିଚାରାଧିନ ଦରଖାସ୍ତର ତଥ୍ୟ

2034 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) 2014-2025 ଆର୍ଥିକ ବର୍ଷ ମଧ୍ୟରେ ଯାଜପୁର ଜିଲ୍ଲାରୁ କେତେ ସଂଖ୍ୟକ ଛାତ୍ର/ଛାତ୍ରୀ ବିଭିନ୍ନ ଉଚ୍ଚଶିକ୍ଷା ପାଇଁ କେତେ ଟଙ୍କା ଶିକ୍ଷା ଋଣ ବିଭିନ୍ନ ବ୍ୟାଙ୍କରୁ ନେଇଛନ୍ତି ଓ କେତେ ଦରଖାସ୍ତ ଅଦ୍ୟାବଧୀ ବିଭିନ୍ନ ବ୍ୟାଙ୍କରେ ବିଚାରାଧିନ ଅଛି ବ୍ଲକୱାରୀ ତାର ତଥ୍ୟ ପ୍ରଦାନ କରିବେ କି, (ଖ) ଶିକ୍ଷାଋଣ ଦେବା ପାଇଁ ବ୍ୟାଙ୍କ ଗୁଡିକ ଅମଙ୍ଗ ହେଉଥିବା ସରକାରଙ୍କ ଦୃଷ୍ଟି ଗୋଚର ହୋଇଛି କି, ଯଦି ହଁ ତେବେ ଏ ଦିଗରେ କି ପଦକ୍ଷେପ ନିଆଯାଇଛି ?

----

## ପୁରୀ ରଥଯାତ୍ରା ସମୟରେ ହୋଇଥିବା ଦଳଚକଟା

2218 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପୁରୀ ରଥଯାତ୍ରା ସମୟରେ ଯେଉଁ ଦଳଚକଟା ଘଟଣା ଶରଧାବାଲିଠାରେ ଘଟିଲା, ତାହା କେଉଁ କାରଣ ଯୋଗୁଁ ଘଟିଲା, ଏଥିରେ କେଉଁ ମାନଙ୍କୁ ଦାୟୀ କରାଯାଇଛି ଏହା ଉପରେ ସରକାର କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି?

----

## ତଦନ୍ତ ପ୍ରକ୍ରିୟାର ଅଗ୍ରଗତି

**2363 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ପୁରୀ ଶ୍ରୀଗୁଣ୍ଡିଚା ରଥଯାତ୍ରା ସମୟରେ ଦଳା ଚକଟାରେ ମୃତ୍ୟୁବରଣ କରିଥିବା ୪ ଜଣ ଭକ୍ତଙ୍କ ଘଟଣାର ତଦନ୍ତ ନିମନ୍ତେ ସରକାର ନିର୍ଦ୍ଦେଶ ଦେଇଥିବା ସତ୍ୟ କି ; ଯଦି ହଁ, ତେବେ ଏହି ତଦନ୍ତ ପ୍ରକ୍ରିୟାର ବର୍ତ୍ତମାନ ସୁଦ୍ଧା କି ଅଗ୍ରଗତି ହୋଇଛି ?

----

## ରୋଗୀ ସଂଖ୍ୟା ତୁଳନାରେ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ସଂଖ୍ୟା ବୃଦ୍ଧି

**2475 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ଅନୁପାତରେ ମଂଜୁରୀପ୍ରାପ୍ତ ଡାକ୍ତର ଓ ଅନ୍ୟାନ୍ୟ ପାରାମେଡିକାଲ କର୍ମଚାରୀ ଏବଂ ଶଯ୍ୟା ସଂଖ୍ୟା କେଉଁ କେଉଁ ବର୍ଷରେ କେତେ ବୃଦ୍ଧି କରାଯାଇଛି ତାର ବିବରଣୀ ପ୍ରଦାନ କରିବେ କି ; ରାଜ୍ୟରେ ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବ୍ୟାପକ ମାତ୍ରାରେ ବୃଦ୍ଧି ପାଉଥିବା ବେଳେ ସେହି ଅନୁପାତରେ ଆବଶ୍ୟକୀୟ ମାନବ ସମ୍ବଳ ଓ ଶଯ୍ୟା ସଂଖ୍ୟା ବୃଦ୍ଧି କରାନଯିବାର କାରଣ କଣ ; 2025-26 ବର୍ଷରେ ଆବଶ୍ୟକୀୟ କେଉଁ କେଉଁ ପଦବୀରେ କେବେ ମାନବ ସମ୍ବଳ ବୃଦ୍ଧି କରାଯିବ ; ସେଥିପାଇଁ ରାଜ୍ୟ ସରକାରଙ୍କୁ ଅତିରିକ୍ତ କେତେ ଅର୍ଥ ବ୍ୟୟ କରିବାକୁ ପଡିବ?

----

## ସରକାରୀ କାର୍ଯ୍ୟାଳୟରେ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ

**2476 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବିଭିନ୍ନ ବିଭାଗ, ନିର୍ଦ୍ଦେଶାଳୟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ପାଇଁ କେଉଁ କେଉଁ ଘରୋଇ ସଂସ୍ଥାକୁ ନିୟୋଜନ କରାଯାଇ ସେମାନଙ୍କୁ ବିଗତ ୫ ବର୍ଷ ମଧ୍ୟରେ କେତେ କେତେ ଅର୍ଥ କେଉଁ ବାବଦରେ ପ୍ରଦାନ କରାଯାଇଛି ତାର ବର୍ଷୱାରୀ ସଂସ୍ଥାୱାରୀ କାର୍ଯ୍ୟାଳୟୱାରୀ ଖର୍ଚ୍ଚ ପରିମାଣ ସମ୍ପର୍କୀତ ବିବରଣୀ ପ୍ରଦାନ କରିବେ କି ; (ଖ) ରାଜ୍ୟରେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାମାନଙ୍କ ମଧ୍ୟରୁ ରାଜ୍ୟ ବାହାର ଓ ରାଜ୍ୟର କମ୍ପାନୀଙ୍କ ସଂଖ୍ୟା କେତେ, ସମ୍ପୃକ୍ତ କେଉଁ କେଉଁ ସଂସ୍ଥା କେତେ ସଂଖ୍ୟକଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି?

----

## ମାନବ ଅଙ୍ଗ ତସ୍କରି ଅଭିଯୋଗ

**2477 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ବିଭିନ୍ନ ଘୋରେଇ ହସ୍ପିଟାଲଙ୍କ ମଧ୍ୟରୁ କେଉଁ କେଉଁ ହସ୍ପିଟାଲ ବିରୋଧରେ ମାନବ ଅଙ୍ଗ ତସ୍କରିର ଅଭିଯୋଗ ହୋଇଛି ; ତାହାର ଏକ ତାଲିକା ପ୍ରଦାନ କରିବେ କି ; ମାନବ ଅଙ୍ଗ ତସ୍କରି କରୁଥିବା ହସ୍ପିଟାଲ୍ ବିରୋଧରେ ବର୍ତ୍ତମାନ୍ ସୁଦ୍ଧା କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ରାଜ୍ୟରେ ଥିବା ଜେଲର କ୍ୟାପାସିଟି

2478 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅପରାଧିଙ୍କୁ ଦଣ୍ଡ ଦେବା ଲାଗି କେଉଁ ଜିଲ୍ଲାରେ କେତୋଟି ଜେଲ୍, ସବ୍ ଜେଲ ନିର୍ମାଣ ହୋଇଛି ; ଏହି ସବୁ ଜେଲର କ୍ୟାପାସିଟି କେତେ ; ବର୍ତ୍ତମାନ କେଉଁ ଜେଲରେ କେତେ କୟଦି ସଜା କାଟୁଛନ୍ତି?

----

## ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

2479 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ଦେଢ ବର୍ଷ ମଧ୍ୟରେ ରାଜ୍ୟରେ କେତେ ସଂଖ୍ୟକ ଲାଞ୍ଚୁଆ ପୋଲିସ ଅଧିକାରୀ ଓ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ; ତାହାର ଏକ ଥାନାୱାରୀ ତାଲିକା ପ୍ରଦାନ କରିବେ କି ; ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

## 108 ଏବଂ 102 ଆମ୍ବୁଲାନ୍ସ ସଂଖ୍ୟା ବୃଦ୍ଧି

2480 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 108 ଏବଂ 102 ଆମ୍ବୁଲାନ୍ସ ସଂଖ୍ୟା ବୃଦ୍ଧି କରିବା ପାଇଁ ସରକାର ତରଫରୁ କେଉଁ ନୂତନ ପଦକ୍ଷେପ କିମ୍ବା ଯୋଜନା ଗ୍ରହଣ କରାଯାଇଛି ; ଏହି ଆମ୍ବୁଲାନ୍ସଗୁଡିକର ରକ୍ଷଣାବେକ୍ଷଣ, ନିୟମିତ ସର୍ଭିସିଂ ଓ ମରାମତି ପ୍ରକ୍ରିୟାକୁ ସମୟବଦ୍ଧ ଏବଂ ସ୍ୱଚ୍ଛ ରଖିବା ପାଇଁ କେଉଁ ବିଶେଷ ବ୍ୟବସ୍ଥା ରହିଛି ; ଅକ୍ଷମ, ଖରାପ ଅବସ୍ଥାରେ ଥିବା ଆମ୍ବୁଲାନ୍ସ ପୁନଃଚାଲୁ କରିବା କିମ୍ବା ପରିବର୍ତ୍ତନ ପାଇଁ କେବେ ସୁଦ୍ଧା ଏକ ସମଗ୍ର ପ୍ରସ୍ତାବ ସରକାରଙ୍କ ଦ୍ୱାରା ଗୃହୀତ ହୋଇଛି?

----

## ବିଭିନ୍ନ ଯୋଜନା ପାଇଁ ଅର୍ଥ ବ୍ୟୟ ବରାଦ

2481 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଗତ 5 ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା କେଉଁ କେଉଁ ଯୋଜନା ପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯାଇଥିଲା ; ଯୋଜନାୱାରୀ ଅର୍ଥ ବ୍ୟୟ ବରାଦ ତାଲିକା ପ୍ରଦାନ କରିବା ସହ କେଉଁ କେଉଁ ଯୋଜନାରେ କେତେ ଅର୍ଥ ବଳକା ରହିଛି ଏବଂ ଖର୍ଚ୍ଚ ହୋଇଛି ତାହାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି?

----

## SCB Medical college ପାଇଁ Residential ଓ Non-Residential ନିମନ୍ତେ ଅର୍ଥ ମଞ୍ଜୁର

2482 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଶ୍ୱସ୍ତରୀୟ ଘୋଷଣା କରାଯାଇଥିବା SCB Medical college & Hospital ପାଇଁ Residential ଓ Non-Residential ନିମନ୍ତେ ବିଗତ ତିନି ବର୍ଷରେ କେତେ ଅର୍ଥ ମଞ୍ଜୁର ହୋଇଛି ଓ କେତେ ଅର୍ଥ ବ୍ୟୟ ହୋଇଛି, ଏହି ପ୍ରକଳ୍ପ ସମ୍ପାଦନ ନିମନ୍ତେ ଅର୍ଥ ପ୍ରତିବନ୍ଧକ ହେଉଛି କି , ଯଦି ନୁହେଁ, ତେବେ ପ୍ରକଳ୍ପ କାର୍ଯ୍ୟ କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ?

----

## ଥାନାରେ ସି.ସି. ଟିଭି ଦ୍ୱାରା ରେକର୍ଡଭୁକ୍ତ କରିବା

**2483 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ପ୍ରତ୍ୟେକ ଥାନାରେ କେଶ୍ ଦାଏର କଲାବେଳେ ସି.ସି. ଟିଭି କ୍ୟାମେରାରେ ଆଲୋଚନାକୁ ରେକର୍ଡଭୁକ୍ତ କରିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Corruption Grievance Cell ଓ Mo Sarkar ମାଧ୍ୟମରେ ଅଭିଯୋଗ ଗ୍ରହଣ

**2484 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଉରକେଲା ଓ ସୁନ୍ଦରଗଡ଼ ଅଞ୍ଚଳ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଦୂର୍ନୀତି ଅଭିଯୋଗ, ଅନୁଶାସନହୀନତା, ଓ ନାଗରିକ ଅଭିଯୋଗମାନଙ୍କୁ G.A. ଓ P.G. ବିଭାଗ କେତେ ଗୁରୁତ୍ୱ ଦେଇ ନିରାକରଣ କରୁଛି, (a) "GA & PG ବିଭାଗର corruption grievance cell ଓ Mo Sarkar ମାଧ୍ୟମରେ ୨୦୨୩ ଓ ୨୦୨୪ ମସିହାରେ ରାଉରକେଲା/ସୁନ୍ଦରଗଡ଼ ଜିଲ୍ଲାରେ କେତେ ଅଭିଯୋଗ ରିସିଭ୍ ହୋଇଛି (ଦୂର୍ନୀତି, ଦେରି, ମିସ୍‌ବିହେଭିଅର୍, ଅନ୍ୟାୟ ନିଯୁକ୍ତି ଇତ୍ୟାଦି) ଓ ସେମାନଙ୍କ ମଧ୍ୟରୁ କେତେ ପ୍ରତିଶତ ମାମଲାରେ departmental action ନେଇଛି ସରକାର, ତାହା ବିଭାଗ/ବ୍ଲକ/ଅଫିସ୍ ଭିତ୍ତିକ ତାଲିକା ଦେବେ କି, "୨୦୨୫ ଅକ୍ଟୋବରରେ ସ୍ଥାନୀୟ ବିଧାୟକଙ୍କ ଅଚାନକ ଦୃଶ୍ୟ ପରିଦର୍ଶନରେ ରାଉରକେଲାର ଏକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭୟଙ୍କର ଅବ୍ୟବସ୍ଥା, ମରାମତି ହୀନ ଅବସ୍ଥା ଓ staff absenteeism ଧରାପଡ଼ିଥିବା ଖବର ରହିଛି; ଏହି ଅବସ୍ଥା GA & PG ବିଭାଗର public grievance redressal ପ୍ଲାଟଫର୍ମ ମାଧ୍ୟମରେ ଗ୍ରହଣ କରି କଣ କାର୍ଯ୍ୟବାହୀ କରାଯାଇଛି"; "SAIL ର Ispat General Hospital (IGH) ର ସମ୍ଭାବ୍ୟ ମଧ୍ୟକାଳୀନ ପ୍ରାଇଭେଟାଇଜେସନ୍ ବିରୋଧରେ ରାଉରକେଲାରେ ଯେପରି ପ୍ରତିବାଦ ଓ ମେମୋରାଣ୍ଡମ୍ ଦାଖଲ ହୋଇଛି, ସେଗୁଡ଼ିକ ଉପରେ GA & PG ବିଭାଗ କେନ୍ଦ୍ର/SAIL ସହ ସମନ୍ୱୟ କରି କୌଣସି ନିଷ୍ପତ୍ତି ନେଇଛି କି ?

----

## ୩ ବର୍ଷରୁ ଉର୍ଦ୍ଧ କାର୍ଯ୍ୟରତ କର୍ମଚାରୀଙ୍କ ଅନ୍ୟତ୍ର ବଦଳୀ

**2485 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କର ସମସ୍ତ ବିଭାଗରେ କାର୍ଯ୍ୟରତ ଅଧିକାରୀ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ଏକ ବିଭାଗ ଓ ଏକ ସ୍ଥାନରେ କେତେ ବର୍ଷ କାର୍ଯ୍ୟ କରିବାର ପ୍ରବଧାନ ରହିଅଛି ସେହିନିୟମର ତଥ୍ୟ ପ୍ରଦାନ କରିବେ କି; ସଚିବାଳୟ ଓ ସଚିବାଳୟ ବାହାରେ ସମସ୍ତ ବିଭାଗ ମାନଙ୍କରେ ନିୟମ ଅନୁଯାୟୀ ଧାର୍ଯ୍ୟ ହୋଇଥିବା କାର୍ଯ୍ୟ ସମୟ ଠାରୁ ନିୟମ ବାହାରେ ବର୍ଷ ବର୍ଷ ଧରି ଏକ ଏକ ବିଭାଗ ଓ ଏକ ସ୍ଥାନରେ କେତେଜଣ ଅଧିକାରୀ କାର୍ଯ୍ୟକରୁଛନ୍ତି; ତାର ଏକ ବିଭାଗୱାରୀ ଅଧିକାରୀଙ୍କ ନାମ ପଦବୀ ଓ ଫୋନ୍ ନମ୍ବର ତାଲିକା ପ୍ରଦାନ କରିବେ କି; ନିୟମ ବହିର୍ଭୁତ ହୋଇ ଯେଉଁ ଅଧିକାରୀମାନେ ୩ ବର୍ଷରୁ ଉର୍ଦ୍ଧ ଗୋଟିଏ ସ୍ଥାନରେ କାର୍ଯ୍ୟରତ ଅଛନ୍ତି ସେମାନଙ୍କର ଏକ ଚିଠା ପ୍ରସ୍ତୁତ କରାଯାଇ ସେମାନଙ୍କ ବିରୁଦ୍ଧରେ ସରକାର କି କି ପଦକ୍ଷପ ଗ୍ରହଣ କରୁଛନ୍ତି ?

----

### Latest figures of crimes reported against women

**2486 Smt. Sofia Firdous (Barabati-Cuttack):**

Will the **Chief Minister** be pleased to state that:- (a) The latest figures of crimes reported against women in Odisha, category-wise, up to the current date (such as Torture, molestation, kidnapping, trafficking, domestic violence, dowry-related crimes, cyber harassment, etc.); (b) The district-wise breakup of these offences; The conviction rate for each category during the corresponding period; and The steps being taken to improve investigation quality, fast-tracking of cases, and conviction rates ?

----

### Development of Cuttack and Bhubaneswar Joint Capital

**2487 Smt. Sofia Firdous (Barabati-Cuttack):**

Will the **Chief Minister** be pleased to state that:- (a) Whether the Government has examined any proposal to develop Cuttack and Bhubaneswar as a joint capital or an integrated twin-city administrative zone, similar to the unified Commissionerate Police system; (b) Whether any feasibility study or committee report exists regarding coordinated urban planning, improved connectivity, increased land availability and balanced regional development; and if so, the present status and proposed roadmap for such integrated development of the two cities ?

----

### Protection of Children and Women in Balangir district

**2488 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) what measures have been taken for the protection of Children and Women in Balangir district, in view of recent cases involving minor girls and child trafficking, (b) what steps has the Government taken to ensure the safety and well-being of school children in Balangir district in light of recent incidents such as the poisoning of around 70 students after consuming midday meals in Tentulikhunti village?

----

### Strengthen Police Patrolling and Women safety

2489 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) Whether the Government has taken note of the recovery of a decomposed body of an unidentified women near Gaelpita village in Deogaon police limits, Balangir, (b) what progress has been made in the investigations and what steps are being taken to strengthen police Police Patrolling and Women's safety measures in rural and isolated areas of Balangir district?

----

### ବିଷମ କଟକ ନିର୍ବାଚନମଣ୍ଡଳୀ ସହ ରାୟଗଡା ଜିଲ୍ଲାରେ ଆର୍ଥିକ ସମସ୍ୟା

2490 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବିଷମ କଟକ ନିର୍ବାଚନମଣ୍ଡଳୀ ଭଳି ଆଦିବାସୀ ତଥା ପଛୁଆ ଅଂଚଳ ପାଇଁ ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନାଗମନ ବିକାଶ ପାଇଁ ବଜେଟ୍ ଆବଣ୍ଟନ ବୃଦ୍ଧି କରିବାର ଯୋଜନା ଅଛି କି, ବିଗତ 10 ବର୍ଷର ରାଜ୍ୟ ତଥା କେନ୍ଦ୍ରୀୟ ପାଣ୍ଠିର ଉପଯୋଗ ବିଷୟରେ ଅର୍ଥ ବିଭାଗ ରାଜ୍ୟ ବଜେଟ୍ ଅନୁଯାୟୀ ରାୟଗଡା ଜିଲ୍ଲାକୁ ବଜେଟର କେତେ ଭାଗ ଅନୁଦାନପ୍ରାପ୍ତ ହୋଇଛି ବିଗତ 10 ବର୍ଷର ତଥ୍ୟ ପ୍ରଦାନ କରାଯିବା, ପଂଚମ ଶ୍ରୁତି ଅନ୍ତର୍ଗତ 10000 ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ପଂଚାୟତକୁ ଅନୁଦାନ ବଣ୍ଟନରେ ବୃଦ୍ଧି ତଥା ଆର୍ଥିକ ସହାୟତାକୁ ଶୃଙ୍ଖଳିତ କରିବା ପାଇଁ କଣ ଯୋଜନା କରାଯାଉଛି ?

----

### ବିଭିନ୍ନ ଯୋଜନା ପାଇଁ ଆସିଥିବା ପାଣ୍ଠି

2491 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଷମ କଟକ ନିର୍ବାଚନମଣ୍ଡଳୀ ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ କେଉଁ କେଉଁ ଯୋଜନାରେ କେତେ ପାଣ୍ଠି ଆସିଛି କେତେ ଅର୍ଥ ଖର୍ଚ୍ଚ ହୋଇଛି ?

----

## ବାଙ୍ଗାଲଦେଶର ଅବୈଧ ପ୍ରବେଶ

2492 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ବାହାବଳପୁର ମତ୍ସ୍ୟ Jetty ଦେଇ ବାଂଲାଦେଶରୁ ଅବୈଧ ଭାବେ ବୋଟରେ ଗୁଆ ଚାଲାଣ ହେଉଥିବା କଥା ଜାଣି ସ୍ଥାନୀୟ ପୋଲିସ ସାହାଯ୍ୟରେ ଯେଉଁ କେସ୍ ଏବଂ seizure ହେଉଛି ତାହାର ବର୍ତ୍ତମାନ ସ୍ଥିତାବସ୍ଥା କଣ ; କେତେ ବୁରା ଅଛି ; GST କୁ କଣ ପାଇଁ ଏଯାବତ ଏହାର ତଥ୍ୟ ଦିଆଯାଇନାହିଁ ; ଅବୈଧ ଚାଲାଣକୁ ନେଇ ପୋଲିସର ଶୀତଳତା କଣ ପାଇଁ ; ଏହା ସହିତ ବୋଟ ମାଲିକ ତଥା ଏହା ସହିତ ଜଡିତ ଥିବା ଲୋକଙ୍କୁ ଏଯାବତ୍ ଆଇନ ପରିସରଭୁକ୍ତ ନ କରିବାର କାରଣ କଣ ?

----

## Marine ଥାନା ଗୁଡ଼ିକରେ ଯାନ୍ତ୍ରିକ ସ୍ଥିତି

2493 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ Coast ଗାର୍ଡ ସଂଲଗ୍ନ Marine ଥାନା ଗୁଡିକ ଷ୍ଟାଫ୍ ଓ ଅନ୍ୟାନ୍ୟ ଯାନ୍ତ୍ରିକ ବ୍ୟବସ୍ଥାର ସ୍ଥିତାବସ୍ଥା କଣ ; ବାଲେଶ୍ୱର ସଦର coast ଗାର୍ଡରେ ବ୍ୟବହାର ହେଉଥିବା ବୋଟ ସଂଖ୍ୟା କେତେ ; ନିୟମିତ ପେଟ୍ରୋଲିଂ ହେଉନଥିବା କଥା କଣ ସତ୍ୟ କି ; ବୋଟ ଗୁଡିକର ସ୍ଥିତାବସ୍ଥା ଓ ଫିଟନେସ ଏବଂ ଏହାର ନିୟମିତ ବ୍ୟବହାର ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିବେ କି?

----

## ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ କେମୋଥେରାପି ବ୍ୟବସ୍ଥା

2494 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କେମୋଥେରାପି Deycare smoothly ଚଳାଇବା ପାଇଁ ଔଷଧ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥା ଅଛି କି ; ଔଷଧ ନାହିଁ ବୋଲି ଯେଉଁ ସମ୍ବାଦ ପରିବେଷଣ ହେଉଛି ତାହା ବିଷୟରେ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ପ୍ରଦାନ କରିବେ କି ?

----

## ସ୍ୱାଧିନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ପେନସନ ପ୍ରଦାନ

2495 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ପେନସନ ବା ଭତ୍ତା ପ୍ରଦାନ କରିବାକୁ ରାଜ୍ୟ ସରକାର ଚଳିତ ବଜେଟରେ ଉଲ୍ଲେଖ କରିଥିଲେ, ଏ ନେଇ ବଜେଟରେ କେତେ ଅର୍ଥ ବ୍ୟୟବରାଦ ହୋଇଛି; କେଉଁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦାୟାଦଙ୍କୁ କେତେ ଭତ୍ତା ପ୍ରଦାନ କରାଯିବ ତାହା ସ୍ଥିର ହୋଇଛି କି ; ଏଥିପାଇଁ ଚିହ୍ନଟ ପ୍ରକ୍ରିୟା ବା ଗାଇଡ଼ଲାଇନ ତିଆରି ହେଲାଣି କି ?

----

## ମାତୃ ଓ ଶିଶୁ ମୃତ୍ୟୁ ରୋକିବା

2496 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତେ ମାତୃ ମୃତ୍ୟୁ ଏବଂ ଶିଶୁ ମୃତ୍ୟୁ ହୋଇଛି ଏବଂ ମାତୃ ମୃତ୍ୟୁ ଏବଂ ଶିଶୁ ମୃତ୍ୟୁ ହାର କେତେ ହୋଇଛି, ବିଗତ ୫ ବର୍ଷର ବିବରଣୀ ପ୍ରଦାନ କରିବେ କି ?

----

## ଡ଼ାକ୍ତରଖାନା ସମ୍ପ୍ରସାରଣ ପାଇଁ ଅର୍ଥ ବ୍ୟୟ

2497 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୦ ରୁ ୨୦୨୫ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କେତୋଟି ନୂଆ ଡ଼ାକ୍ତରଖାନା କୋଠା କିମ୍ବା ଡ଼ାକ୍ତରଖାନା ସମ୍ପ୍ରସାରଣ ପାଇଁ ନୂତନ କୋଠାଘର ନିର୍ମାଣ କରିଛନ୍ତି, ଏଥିପାଇଁ କେଉଁବର୍ଷ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ କେତୋଟି କୋଠା କାର୍ଯ୍ୟକ୍ଷମ ହୋଇଛି ?

----

## ପରିବାର ନିୟୋଜନ ଯୋଜନାରେ ଅସ୍ତ୍ରୋପଚାର

2498 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୧୪ ମସିହାରୁ ଆଜି ପର୍ଯ୍ୟନ୍ତ କେତେ ଜଣ ପରିବାର ନିୟୋଜନ ଯୋଜନାରେ ଅସ୍ତ୍ରୋପଚାର କରିଛନ୍ତି ତାର ଜିଲ୍ଲା ଓ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ;ପରିବାର ନିୟୋଜନ ଯୋଜନାରେ ଅସ୍ତ୍ରୋପଚାର କରିଥିବା ବ୍ୟକ୍ତିଙ୍କ ( ମହିଳା / ପୁରୁଷ) ମଧ୍ୟରୁ କେତେ ଜଣ କେଉଁ ଧର୍ମର ତାର ଜିଲ୍ଲା ଓ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି; ବିଭାଗ ପକ୍ଷରୁ ଏମାନଙ୍କ ପାଇଁ କି କି ସୁବିଧା ଉପଲବ୍ଧ କରାଯାଇଛି ?

----

## ନିଖୋଜ ମହିଳା ଓ ଶିଶୁ ଉଦ୍ଧାର

2499 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ କେତେ ମହିଳା ଓ ଶିଶୁ ନିଖୋଜ ଅଛନ୍ତି ଏବଂ ସେଥିମଧ୍ୟରୁ କେତେଜଣଙ୍କୁ ଉଦ୍ଧାର କରାଯାଇଛି ତାର ଜିଲ୍ଲାୱାରୀ ତଥ୍ୟ ରଖିବେ କି; ଏହି ଘଟଣାରେ କେତୋଟି ମାମଲା ରୁଜୁ କରାଯାଇଛି ଓ କେତେ ଜଣଙ୍କୁ ଗିରଫ କରାଯାଇଛି ?

----

## ANM Sub -Centre ଗୃହ ନିର୍ମାଣ

2500 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ ବ୍ଲକରେ କେତୋଟି ANM Sub - Centre ଗୃହ ନିର୍ମାଣ ହୋଇପାରିନାହିଁ, ଏହାର କାରଣ କଣ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ଏ ଅନୁସାରେ ମୋଟ କେତେ ଅର୍ଥ ମଞ୍ଜୁର ହୋଇଥିଲା, କେତେ ବିନିଯୋଗ ହୋଇ ସାରିଛି କେଉଁ ଗୃହନିର୍ମାଣ ହୋଇସାରି କାର୍ଯ୍ୟରେ ଲାଗୁନାହିଁ ଓ କେତେ ଗୃହ ନିର୍ମାଣ ଚାଲୁରହିଛି ?

----

## ପୋଲିସ ଚାକିରି ନିଯୁକ୍ତି କ୍ଷେତ୍ରରେ ଦୁର୍ନୀତି

2501 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚଳିତବର୍ଷ ରାଜ୍ୟରେ କେଉଁ ପ୍ରକାର ପୋଲିସ ଚାକିରୀ ନିଯୁକ୍ତି କ୍ଷେତ୍ରରେ ଦୁର୍ନୀତିର ଖୋଲାଫର୍ଦ୍ଦ ସମସ୍ତଙ୍କ ନଜରକୁ ଆସିଛି, ତଦନ୍ତ ନ୍ୟାୟ, ନିୟନ୍ତ୍ରଣ କରାଯିବା ଓ ନ୍ୟାୟ ପୂର୍ଣ୍ଣଭାବରେ ନିଯୁକ୍ତି ଦିଆଯିବା ସରକାରଙ୍କର ବିଚାର ବିମର୍ଷ କଣ ?

----

## Company ଦ୍ୱାରା ଠିକା ନିଯୁକ୍ତି

2502 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେତନଟୀ ଓ ବଡ଼ସାହି ବ୍ଲକରେ କେଉଁ ଠିକା Companyରେ କେଉଁ କେଉଁ ବିଭାଗରେ କେତେ ପରିମାଣରେ କର୍ମଚାରୀ ନିଯୁକ୍ତି ଦେଇଛନ୍ତି ତାହା ଜଣାଇବେ କି ଏବଂ କେଉଁ company କେତେ ଦରମା ଦେଉଛି ଏବଂ ଦୁର୍ନୀତି କରି ଲକ୍ଷ କ୍ଲକ୍ଷ ଟଙ୍କା ନିଯୁକ୍ତିରେ ନେଉଥିବାର ଖବର ଅଛି କି; ଏବଂ ସାରା ମୟୂର ଉକ୍ତ ଜିଲ୍ଲାରେ କେତେ ଠିକା କର୍ମଚାରୀ କେଉଁ companyରେ କେଉଁ ବିଭାଗରେ କାମ କରୁଛନ୍ତି ?

----

## ବୈସିଙ୍ଗାଠାରେ ଏକ ଦମକଳ କେନ୍ଦ୍ର ସ୍ଥାପନ

2503 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେତନଟୀ ବ୍ଲକରେ ବୈସିଙ୍ଗାଠାରେ ଦୀର୍ଘ ଦିନରୁ ଏକ ଦମକଲ କେନ୍ଦ୍ର ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ନହେବାର କାରଣ କଣ; ଲକ୍ଷାଧିକ ଲୋକ ପାଖ ପଡ଼ୋଶୀ ଜିଲ୍ଲା ବାଲେଶ୍ୱର ମଧ୍ୟ ବୈସିଙ୍ଗା ଉପରେ ନିର୍ଭରଶୀଳ, ତେଣୁ କେବେସୁଦ୍ଧା ବୈସିଙ୍ଗାରେ ଦମକଳ କେନ୍ଦ୍ର ହେବ ?

----

## ୧୦୮ ଓ ୧୦୨ ଆମ୍ବୁଲାନ୍ସ ଯୋଗାଇବା

2504 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଉଭୟ ବ୍ଲକ ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳରେ ଅଧିକ ସଂଖ୍ୟାକୁ ୧୦୮ ଓ ୧୦୨ ଆମ୍ବୁଲାନ୍ସ ଗାଡ଼ି ଯୋଗାଣ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ କି ?

----

## CHC ଓ PHCରେ ଖାଲିଥିବା ଡ଼ାକ୍ତର ପଦବୀ ପୂରଣ

2505 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧିନ ଖଣ୍ଡପଡ଼ା ସହରାଞ୍ଚଳ, ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପକେନ୍ଦ୍ର, ପି.ଏଚ.ସିରେ ଅନୁମୋଦିତ ସଂଖ୍ୟକ ଡ଼ାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ତୁଳନାରେ ପୂର୍ଣ୍ଣ ସଂଖ୍ୟାରେ ଡ଼ାକ୍ତର ଓ କର୍ମଚାରୀ କାର୍ଯ୍ୟରତ ଅଛନ୍ତି କି; ଯଦି ଉତ୍ତର ନା, ତେବେ କେବେସୁଦ୍ଧା ଏହା ପୂରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବେ ?

----

## ଆସିକା ଠାରେ B.SC ନର୍ସିଂ କଲେଜ ଖୋଲିବା

2506 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକା ସହର ତହରଛି ଅବିଭକ୍ତ ଗଞ୍ଜାମ ଜିଲ୍ଲାର ତୃତୀୟ ବୃହତ୍ତମ ସହର, ଏଠାରେ ଗୋଟିଏ B. SC. ନର୍ସିଂ କଲେଜ ଖୋଲିବା ସକାସେ ପ୍ରସ୍ତାବ ଦିଆଯାଇଛି, ଉକ୍ତ ପ୍ରସ୍ତାବ ପ୍ରକାରେ କେବେସୁଦ୍ଧା B.Sc ନର୍ସିଂ କଲେଜ ଖୋଲାଯିବା ପାଇଁ ବ୍ୟବସ୍ଥା କରିବେ କି?

----

## ନିମ୍ନମାନର ଔଷଧ ବିକ୍ରି

2507 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଞ୍ଜାମ ଜିଲ୍ଲାର ଆସିକା ହେଉଛି ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର, ଉକ୍ତ ଅଞ୍ଚଳରେ ପ୍ରବଳମାତ୍ରାରେ ନିମ୍ନମାନର ଔଷଧ ଓ Kit ବିକ୍ରି ହେଉଅଛି, ପ୍ରତ୍ୟେକ ଔଷଧର ଓ Kitରେ ଭେଜାଲ ଓ Duplicate ବିକ୍ରି ହେବା ଫଳରେ ଜନସାଧାରଣ ଆରୋଗ୍ୟ ଲାଭକରିବା ପ୍ରତିବଦଳରେ ନାନା ପ୍ରକାର ଜଟିଳ ରୋଗରେ ସମ୍ମୁଖୀନ ହେଉଛନ୍ତି, ଉକ୍ତ ବିକ୍ରିକୁ ରୋକିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବେ ?

----

## ଅଚଳଥିବା ଦମକଳ କେନ୍ଦ୍ର ମରାମତି

2508 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ କେଉଁ ବ୍ଲକ ଓ ପୌରସଂସ୍ଥା ଅଧିନରେ କେତେଗୋଟି ଅଗ୍ନିଶମ କେନ୍ଦ୍ର ଖୋଲାଯାଇଛି, ଏଠାରେ କେତେଗୋଟି ଉନ୍ନତ କିସମର ଦମକଳ ରହିଛି, କେତୋଟି ଦମକଳ ଅଚଳ ଅବସ୍ଥାରେ ଅଛି, ତାହାର ମରାମତି ସହ ଉଚ୍ଚ ଅଟ୍ଟାଳିକା ମାନଙ୍କରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ କି ପଦକ୍ଷେପ ନିଆଯାଇଛି ?

----

## ସରକାରୀ ମେଡିକାଲ୍ ଓ ଘରୋଇ ମେଡିକାଲ୍‌ରେ ଜନ୍ମଗ୍ରହଣ କରିଥିବା ଶିଶୁ

2509 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଗତ ୫ ବର୍ଷରେ କେଉଁ ଜିଲ୍ଲାରେ କେତେ ଶିଶୁ ସରକାରୀ ମେଡିକାଲ୍ ଓ ଘରୋଇ ମେଡିକାଲ୍‌ରେ ଜନ୍ମଗ୍ରହଣ କରିଥିବା ବେଳେ ତନ୍ମଧ୍ୟରୁ କେତେ ଶିଶୁ ସ୍ୱାଭାବିକ ଭାବରେ ଓ ଅସ୍ତ୍ରୋପଚାର ମାଧ୍ୟମରେ ଜନ୍ମ ନେଇଛନ୍ତି, ପ୍ରକାଶ କରି ସରକାରୀ ଡାକ୍ତରଖାନା ତୁଳନାରେ ଘରୋଇ ମେଡିକାଲ୍‌ରେ ଅସ୍ତ୍ରୋପଚାର ମାଧ୍ୟମରେ ଶିଶୁ ଜନ୍ମହାର ବୃଦ୍ଧିର ତଦନ୍ତ କରି ସ୍ୱାଭାବିକ ଭାବରେ କିପରି ଶିଶୁ ଜନ୍ମ ହୋଇପାରିବେ, ସେଥପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ

2510 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ସରକାର ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେଇଛନ୍ତି କି, ଯଦି ଦେଇ ନାହାନ୍ତି ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେବାର ଯୋଜନା ଅଛି କି ?

----

## ସମ୍ବଲପୁରରେ ନିୟମିତ ଜନଶୁଣାଣୀ କରିବା

2511 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଗତ ଏପ୍ରିଲ ୨୧ ତାରିଖରେ ପ୍ରଥମ କରି ରାଜଧାନୀ ବାହାରେ ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ସମ୍ବଲପୁରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ତାଙ୍କର ମନ୍ତ୍ରୀମଣ୍ଡଳର ସହଯୋଗୀଙ୍କ ସହିତ ଜନଶୁଣାଣି କରିଥିଲେ କିନ୍ତୁ ଏହି ଜନଶୁଣାଣିର ବାବଦରେ ସରକାରୀ ତହସିଲରୁ କେତେ ଖର୍ଚ୍ଚ ହୋଇଥିଲା, ଜଣ ଶୁଣାଣିକୁ ଆସିଥିବା କେତେଜଣ ଆପତ୍ତି ଅଭିଯୋଗକାରୀଙ୍କୁ ଏଥିରୁ ସୁଫଳ ମିଳିଥିଲା, କେଉଁ ଆପତ୍ତି ଅଭିଯୋଗର ଶୁଣାଣି ଏପର୍ଯ୍ୟନ୍ତ ହୋଇପାରି ନାହିଁ, ଅଧିକାରୀ ଓ କର୍ମଚାରୀଙ୍କ ଉତ୍ତରଦାୟିତ୍ୱ ସମୀକ୍ଷା ବିଭାଗ ପକ୍ଷରୁ କରାଯାଇଛି କି, ଯେଉଁ ଅଧିକାରୀ ଓ କର୍ମଚାରୀମାନେ ନିର୍ଦ୍ଦେଶ ସତ୍ତ୍ୱେ ଜନସାଧାରଣଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି, ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି, ଯେଉଁ ଅଭିଯୋଗଗୁଡିକର ଏଯାବତ ସମାଧାନ ହୋଇନାହିଁ ସେ ନେଇ ଅଭିଯୋଗ ପ୍ରକୋଷ୍ଠର ଆଭିମୁଖ୍ୟ କଣ, ସମ୍ବଲପୁର ପଶ୍ଚିମ ଓଡିଶାର ପ୍ରାଣ କେନ୍ଦ୍ର ହୋଇଥିବାରୁ ଭୁବନେଶ୍ୱର ଭଳି ସମ୍ବଲପୁରରେ ମଧ୍ୟ ନିୟମିତ ଅଭିଯୋଗ ଶୁଣାଣି ପାଇଁ ସ୍ଥାୟୀ ବ୍ୟବସ୍ଥା କରିବେ କି ?

----

## ମେଡିକାଲରେ ଥିବା ମେସିନ୍ ଗୁଡିକ ଠିକ୍ ଭାବେ କାମ ନ କରିବା

2512 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- SCB Medical College, MKCG Medical College ଓ ଭିମସାର (ବୁର୍ଲା ମେଡିକାଲ୍ କଲେଜ) ରେ କେଉଁ କେଉଁ ବିଭାରେ କେଉଁ କେଉଁ ମେସିନ୍ ଅଚଳ ଅଛି, ICU, CCU, SNCU, ସର୍ଜରୀ ଓ ଟ୍ରମା ସେଣ୍ଟରଗୁଡିକରେ ମେସିନ୍ ଗୁଡିକ ଠିକ୍ ଭାବରେ କାମ କରୁଛି କି, ସେହିଭଳି ବାୟୋକେମେଷ୍ଟ୍ରିରେ, ବ୍ଲଡ୍ ବ୍ୟାଙ୍କରେ CTVS ରେ କାର୍ଡିଓଲୋଡି (Cardiology) ରେ କାଜୁଆଲିଟିରେ CSSD ରେ, Dentalରେ ENT ରେ, ଗ୍ୟାଷ୍ଟ୍ରୋରେ ଗାୟାନୋକୋଲୋଜିରେ, ବ୍ଲଡ Transfer ରେ, ଲିଭର transplant, Neurology ରେ, O & G ରେ, ଚକ୍ଷୁ ବିଭାଗରେ ଅସ୍ଥିଶଲ୍ୟରେ, ଫାର୍ମାକୋଲୋଡିରେ, ସାଇକୋଲୋଜିରେ ଓ ୟୁରୋଲୋଜିରେ କେଉଁ କେଉଁ ମେସିନ୍ କେତୋଟି ମେସିନ୍ କେଉଁ hospital ରେ ଅଚଳ ଅଛି ?

----

## ରାଜ୍ୟରେ ଥିବା ମେରାଇନ୍ ଥାନା

2513 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ କି.ମି. ସମୁଦ୍ରତଟ ଓ ଜଳପଥ ଅଛି, କେତୋଟି ମେରାଇନ୍ ଥାନା ଅଛି ଉପକୂଳ ସୁରକ୍ଷା ଦାୟିତ୍ୱରେ ମେରାଇନ୍ ଥାନା ଅଧିନରେ କେତୋଟି ବୋଝ ଅଛି, ବାଙ୍ଗାଦେଶରୁ ବେଆଇନ୍ ଟ୍ରଲର, ମତ୍ସ୍ୟଦୀବିଙ୍କୁ ଧରିବା ପାଇଁ ଉପକୂଳ ସୁରକ୍ଷା ପାଇଁ କଣ କଣ ଆବଶ୍ୟକ ସରକାର ସେଥିପ୍ରତି ଦୃଷ୍ଟି ଦେବେ କି, ଅନୁପ୍ରବେଶ ରୋକିବା ପାଇଁ ବନ୍ଦର ଟର୍ମିନାଲ୍, ଡକ୍, ଦିଗ ନିର୍ଣ୍ଣୟ ବ୍ୟବସ୍ଥା ଗୁଡ଼ିକୁ ସୁରକ୍ଷା ଦେବା ପାଇଁ କି କି ବ୍ୟବସ୍ଥା ହୋଇଛି, ଉପକୂଳ ଓଡିଶାକୁ ସୁରକ୍ଷା ଦେବା ପାଇଁ ସରକାରଙ୍କର ସ୍ୱତନ୍ତ୍ର ପଦକ୍ଷେପ କଣ ଓ କେତେ ଖର୍ଚ୍ଚର ଆବଶ୍ୟକତା ଅଛି ?

----

## SCB ମେଡିକାଲ କଲେଜରେ ଥିବା ମେସିନ ଖରାପ ହେବା

2514 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକସ୍ଥିତ SCB ମେଡିକାଲ କଲେଜ ଓ ହସ୍ପିଟାଲରେ ଲାଗିଥିବା ଅଧିକାଂଶ ମେସିନ ଖରାପ ହୋଇଯାଇଥିବାରୁ ରୋଗୀମାନଙ୍କୁ ବିଭିନ୍ନ ପରୀକ୍ଷା ପାଇଁ ବେସରକାରୀ ଅନୁଷ୍ଠାନକୁ ଯିବାକୁ ପଡୁଛି, ଏହି ଘଟଣାର ବିଧିବଦ୍ଧ ତଦନ୍ତ କରି କେବେ ସୁଧା ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ଏବଂ ଏହି ହସ୍ପିଟାଲରେ ଚିକିତ୍ସିତ ହେବା ପାଇଁ ଆସୁଥିବା ରୋଗୀଙ୍କ ସଂଖ୍ୟା ଦୃଷ୍ଟିରୁ ଅତିରିକ୍ତ ଆବଶ୍ୟକ ପଡୁଥିବା ସମସ୍ତ ପ୍ରକାର ମେସିନ କେବେ ସୁଧା ଲଗାଯିବ ?

----

## ବାଣିଜ୍ୟ କର ଓ ଦ୍ରବ୍ୟ କର ପଦବୀ ପୂରଣ

2515 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- କନ୍ଧମାଳ ଜିଲ୍ଲା ବାଣିଜ୍ୟ କର, ଦ୍ରବ୍ୟ ଓ ସେବା କର ବିଭାଗର ଅନୁମୋଦିତ ୮ ଗୋଟି କିରାଣୀ ପଦବୀ ମଧ୍ୟରୁ ମାତ୍ର ୨ଜଣ କାର୍ଯ୍ୟ କରୁଥିବାରୁ ବିଭାଗର କାର୍ଯ୍ୟ ପରିଚାଳନରେ ଆହେତୁକ ବିଳମ୍ବ ଘଟୁଛି, ଏହି ଖାଲିଥିବା ଅବଶିଷ୍ଟ କିରାଣୀ ପଦବୀ ଗୁଡିକ କେବେ ସୁଧା ପୂରଣ କରାଯିବ ?

----

## ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଡାକ୍ତରଖାନରେ ଖାଲି ଥିବା ଡାକ୍ତର ପଦବୀ ପୂରଣ

2516 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ଏବେ କେଉଁ ଜିଲ୍ଲାରୁ କେତେ ଜଣ ଡାକ୍ତର PG କରିବାପାଇଁ ଯାଇଛନ୍ତି, କେବେସୁଦ୍ଧା ସେମାନେ କାର୍ଯରେ ଯୋଗଦେବେ, specialist ଡାକ୍ତର ପଦବୀ ସହ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଡାକ୍ତରଖାନରେ ଖାଲି ଥିବା ପଦବୀ ଗୁଡିକ କେବେସୁଦ୍ଧା ପୂରଣ କରାଯିବ ?

----

## ଖର୍ଚ୍ଚର କେତେ ଶତକଡା ଅର୍ଥ revenue expenditure

2517 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ରାଜ୍ୟରେ 2025-26 ଆର୍ଥିକ ବର୍ଷରେ ସମୁଦାୟ ଖର୍ଚ୍ଚର କେତେ ଶତକଡା ଅର୍ଥ ହେଉଛି revenue expenditure ଓ ସମଗ୍ର ଭାରତ ବର୍ଷରେ ରାଜ୍ୟର ସ୍ଥାନ କେତେ; ଏହି ଖର୍ଚ୍ଚ ବୃଦ୍ଧିର କାରଣ କଣ ଓ ଏହାକୁ କମାଇବା ପାଇଁ କି କି ପଦକ୍ଷେପ ନିଆଯାଉଛି ?

----

## Tender ସରିଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ନ ହେବା

2518 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ନୟାଗଡ ଜିଲ୍ଲାରେ 2024-25 ଠାରୁ କେଉଁ କେଉଁ ବ୍ଲକରେ ବିଭାଗ ଦ୍ୱାରା କି କି କାର୍ଯ୍ୟ ଚାଲିଛି ଓ ଟେଣ୍ଡର ହୋଇସାରିଥିଲେ ବି କେଉଁ କାର୍ଯ୍ୟଗୁଡିକ କେଉଁ କାରଣରୁ ଆରମ୍ଭ ହୋଇପାରିନାହିଁ, ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ କେତେ; ବର୍ତ୍ତମାନ କାର୍ଯ୍ୟଗୁଡିକ କେଉଁ ପର୍ଯ୍ୟାୟରେ ଅଛି ଓ କେବେସୁଦ୍ଧା ପୂର୍ଣାଙ୍ଗ କରାଯିବ ?

----

## ନଦୀ ଓ ସମୁଦ୍ର ବୁଡ଼ି ହ୍ରାସ ପାଇଁ ପଦକ୍ଷେପ

2519 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ବିଗତ ତିନିବର୍ଷରେ ରାଜ୍ୟରେ କେଉଁ ଜିଲ୍ଲାରେ କେତେଜଣ ନଦୀ ଓ ସମୁଦ୍ରରେ ବୁଡ଼ି ପ୍ରାଣତ୍ୟାଗ କରିଛନ୍ତି ପ୍ରକାଶ କରି ସମ୍ବେଦନଶୀଳ ସ୍ଥାନରେ ସୂଚନା ଫଳକ ଲଗାଇ ସଚେତନ କରି ନଦୀ ଓ ସମୁଦ୍ର ବୁଡ଼ି ହ୍ରାସ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଘରୋଇ Medical College ପ୍ରତିଷ୍ଠା ପାଇଁ ଜମି ଦେବା

2520 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ସହ ରାଜ୍ୟର କେଉଁ ଘରୋଇ ଅନୁଷ୍ଠାନକୁ Hospital Medical College & Hospital ପ୍ରତିଷ୍ଠା ପାଇଁ କେଉଁ ସ୍ଥାନରେ କେତେ ଜାଗା କେତେ ମୂଲ୍ୟରେ ପ୍ରଦାନ କରାଯାଇଛି ପ୍ରକାଶ କରି ଏହି Hospital ରେ କେତେଜଣ ଗରିବ ଶ୍ରେଣୀର ରୋଗୀକୁ ମାଗଣା ଚିକିତ୍ସା ସେବା ଯୋଗାଯାଇଛି ତାହାର ବିଗତ ତିନିବର୍ଷର ତଥ୍ୟ ପ୍ରଦାନ କରିବେ କି ?

----

## AI Tools & AI Models Deployed in the State

2521 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) If any AI tools and AI models have been deployed in our state, if so the details ; (b) The risks & uncertainties associated with Artificial Intelligence (AI) and how it is regulated, why are AI tools and models often called Black-Boxes, what are the pit falls of advances in artificial intelligence, can tools like chat-bots influence peoples opinion more than social media ?

----

## Quota for Women and ST/SC/OBC Categories of our Police Force

2522 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) Details of the gap between the sanctioned and actual strength of different level and categories of the police force in the State, what steps being taken to bridge the gap and by what time line ; (b) What is the quota for women and SC/ST/OBC communities in the above categories of our police force, why despite years of reservation the State has not been able to manage to meet all the three of our reservation targets at all levels and categories, what is our own State specific quota for how many women, there should be in police force at different level & categories, what were the mandated target and percentage of women representation in police today ?

----

## ବିଭିନ୍ନ ଜିଲ୍ଲାରେ ଖାଲିଥିବା ଡାକ୍ତର ପଦବୀ

2523 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ କେଉଁ କେଉଁ ଜିଲ୍ଲାରେ କେତେ କେତେ ସଂଖ୍ୟାରେ ଡାକ୍ତର ପଦବୀ ଖାଲିଅଛି, ଡାକ୍ତର ଅଭାବଜନିତ ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସରକାର କି କି ଯୋଜନାମାନ କାର୍ଯ୍ୟକାରୀ କରିବାକୁ ଚିନ୍ତା କରୁଛନ୍ତି ?

----

## DSP ପଦବୀର ସିଧା ନିଯୁକ୍ତି ପାଇଁ ପ୍ରସ୍ତାବ

2524 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ ସମୁଦାୟ କେତେ କେତେ ସଂଖ୍ୟକ DSP/Inspectors/ Sub-Inspectors ପଦବୀ ଖାଲିଅଛି ଓ ସେହି ସେହି ପଦବୀ ପୂରଣ ନିମନ୍ତେ କି କି ପଦକ୍ଷେପ ନିଆଯାଉଛି ; (ଖ) DSP ପଦବୀ ପାଇଁ ସିଧା ନିଯୁକ୍ତି ନିମନ୍ତେ କୌଣସି ପ୍ରସ୍ତାବ ସରକାରଙ୍କ ବିଚାରାଧିନ ଅଛି କି ?

----

## ବିଭିନ୍ନ ସୂତ୍ରରୁ ରାଜସ୍ୱ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

2525 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର 2025-26 ଆର୍ଥିକ ବର୍ଷରେ କେଉଁ କେଉଁ ସୂତ୍ରରୁ କେତେ କେତେ ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଓ ତନ୍ମଧ୍ୟରୁ ଅକ୍ଟୋବର 31 ସୁଦ୍ଧା କେତେ ରାଜସ୍ୱ ସଂଗ୍ରହ ସମ୍ଭବ ହୋଇପାରିଛି ଜଣାଇବେ କି, ଗତ 2023-24 ଓ 2024-25 ବର୍ଷର ଏହି ସମୟ (April-October) ମଧ୍ୟରେ କେତେ କେତେ ଶତାଂଶ ସଂଗ୍ରହ ହୋଇପାରିଥିଲା ତା'ର ତୁଳନାତ୍ମକ ବିବରଣୀ ଦେବେ କି ?

----

## ମହିଳାଙ୍କ ପ୍ରତି ହୋଇଥିବା ଅପରାଧିକ ମାମଲା

2526 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ 2024 ମସିହା ଠାରୁ 2025 ନଭେମ୍ବର ମାସ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ମହିଳାଙ୍କ ପ୍ରତି ହୋଇଥିବା କେତେଗୋଟି ଅପରାଧିକ ମାମଲା ରୁଜୁ ହୋଇଛି ତାହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, ଏଥିସହିତ ନଭେମ୍ବର-2025 ସୁଦ୍ଧା ବସ୍ତା ନିର୍ବାଚନ ମଣ୍ଡଳୀରେ ମହିଳାଙ୍କ ପ୍ରତି ହୋଇଥିବା ଅପରାଧିକ ମାମଲା ପାଇଁ ଦୋଷୀ ସାବ୍ୟସ୍ତ ହାର କେତେ ଅଛି ?

----

## ରାଜ୍ୟରେ ନିଖୋଜ ପିଲାଙ୍କ ସଂଖ୍ୟା

2527 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସମଗ୍ର ରାଜ୍ୟରେ ନିଖୋଜ ପିଲାମାନଙ୍କର ସଂଖ୍ୟା ବଢିବାରେ ଲାଗିଛି, ରାଜ୍ୟରେ 0-18 ବର୍ଷ ପର୍ଯ୍ୟନ୍ତ ନିଖୋଜ ପିଲାଙ୍କ ମଧ୍ୟରୁ 14 ରୁ 18 ବର୍ଷ ପିଲାଙ୍କ ସଂଖ୍ୟା ଅଧିକ ଏବଂ ପ୍ରାୟତଃ 25 ପ୍ରତିଶତ ନିଖୋଜ ପିଲାଙ୍କ ପତ୍ତା ମିଳୁନି, ଏହା ସତ୍ୟ ଅଟେ କି, ଯଦି ଏହା ସତ୍ୟ ତାହେଲେ ଏହାର କାରଣ କ'ଣ ଓ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ସରକାର କ'ଣ ସବୁ ପଦକ୍ଷେପ ନେଉଛନ୍ତି ?

----

## ସୁସ୍ଥନାରୀ ସଶକ୍ତ ପରିବାର ଯୋଜନାରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

2528 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ମହିଳାମାନଙ୍କର ସ୍ୱାସ୍ଥ୍ୟ ଏବଂ ପରିବାର ସଶକ୍ତିକରଣକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା "ସୁସ୍ଥ ନାରୀ, ସଶକ୍ତ ପରିବାର" ଅଭିଯାନରେ ସେପ୍ଟେମ୍ବର 2025 ଠାରୁ ନଭେମ୍ବର 2025 ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ କେତେଗୋଟି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି ଏବଂ କେତେ ସଂଖ୍ୟକ ମହିଳାଙ୍କୁ ଏଥିରେ ସ୍କ୍ରିନିଂ କରାଯାଇଛି ବା ଏହାର ସୁବିଧା ହାସଲ କରିଛନ୍ତି ତାହା ଜଣାଇବେ କି ; ଏଥି ସହିତ ବସ୍ତା ନିର୍ବାଚନ ମଣ୍ଡଳୀର ବସ୍ତା ଓ ବାଲିଆପାଳ ବ୍ଲକରେ କେତେଗୋଟି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ କେତେ ସଂଖ୍ୟକ ମହିଳାଙ୍କୁ ସ୍କ୍ରିନିଂ କରାଯାଇଛି ତାହାର ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି ; (ଖ) ଏହି ଅଭିଯାନ ଅଧିନରେ ସର୍ଭାଇକାଲ୍ ଏବଂ ସ୍ତନ କର୍କଟ ସ୍କ୍ରିନିଂକୁ ସାମିଲ କରିବାର ଯୋଜନା ସରକାରଙ୍କର ଅଛି କି?

----

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର Physiotherapy Centre ଖୋଲିବା

2529 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ Physiotherapy Centre ଖୋଲିବା ପାଇଁ ସରକାରଙ୍କର ପ୍ରସ୍ତାବ ରହିଛି କି ; ଯଦି ଉତ୍ତର ହଁ ହୁଏ, ତେବେ ଜଗତସିଂହପୁର ଜିଲ୍ଲାରେ ଏହା କେବେ ସୁଦ୍ଧା ପ୍ରତିଷ୍ଠା କରାଯିବ ଏବଂ କାର୍ଯ୍ୟକାରୀ ହେବ?

----

## ଅର୍ଥ ଖର୍ଚ୍ଚ କରି Utilization Certificate ଦେବା

2530 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2025-26 ଆର୍ଥିକ ବର୍ଷର ବଜେଟରେ ବିଭିନ୍ନ ବିଭିନ୍ନ ବିଭାଗକୁ ଅନୁଦାନ ହୋଇଥିବା ଅର୍ଥ ରାଶିକୁ କେଉଁ ବିଭାଗ କେତେ ଅର୍ଥ ରାଶି ଖର୍ଚ୍ଚ କରି Utilization Certificate ଦେଇଛନ୍ତି ?

----

## ଖାଲିଥିବା ପଦବୀଗୁଡିକ ପ୍ରତ୍ୟକ୍ଷ ନିଯୁକ୍ତି

2531 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡିଶା ସଚିବାଳୟର କେଉଁ ବିଭାଗ ପାଇଁ କେତେ ସଂଖ୍ୟକ ଏଏସଓ, ଏସଓ, ଡେସ୍କ ଅଫିସର, ଅଣ୍ଡର ସେକ୍ରେଟାରୀ, ଡେପୁଟୀ ସେକ୍ରେଟାରୀ, ଜଏଣ୍ଟ ସେକ୍ରେଟାରୀ ଓ ଆଡସିନାଲ ସେକ୍ରେଟାରୀ ପଦବୀ ରହିଛି ; ଏଥିରୁ କେଉଁ ବିଭାଗରେ କେତେ ପଦବୀ ଖାଲିପଡିଛି ଓ କେତେ ପଦବୀରେ କର୍ମଚାରୀ ଅଛନ୍ତି ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ଖାଲି ପଦବୀଗୁଡ଼ିକ କେବେ ସୁଦ୍ଧା ପଦୋନ୍ନତି ଓ ପ୍ରତ୍ୟକ୍ଷ ନିଯୁକ୍ତି ଭିତ୍ତିରେ ପୂରଣ କରାଯିବ?

----

## IAS ଓ IPS କ୍ୟାଡର ମଂଜୁରୀପ୍ରାପ୍ତ ପଦବୀ ସଂଖ୍ୟା

2532 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡିଶା ପାଇଁ ଆଇଏସ୍, ଆଇପିଏସ୍, ଆଇଏଫଏସ୍ କ୍ୟାଡରରେ କେତେ ମଂଜୁରୀପ୍ରାପ୍ତ ପଦବୀ ରହିଛି ; ଓଡିଶା କ୍ୟାଡରର ଏହି ଅଧିକାରୀମାନଙ୍କ ମଧ୍ୟରୁ କେତେ ଏବେ କେନ୍ଦ୍ରକୁ ଓ ଅନ୍ୟ ରାଜ୍ୟକୁ ଡେପୁଟେସନରେ ଯାଇଛନ୍ତି ଏବଂ ଓଡିଶାରେ ଏବେ ଏହି କ୍ୟାଡରଗୁଡିକର କେତେ ସଂଖ୍ୟକ ଅଧିକାରୀ କାର୍ଯ୍ୟରତ ଅଛନ୍ତି ଓ ଆଉ କେତେ ପଦବୀ ଖାଲିପଡିଛି?

----

## ନୂତନ ଦମକେଳ କେନ୍ଦ୍ର ସ୍ଥାପନା

2533 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଆସନ୍ତା ଆର୍ଥିକ ବର୍ଷରେ ନୂଆ ଦମକେଳ କେନ୍ଦ୍ର କେଉଁ କେଉଁ ବ୍ଲକରେ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖିଛନ୍ତି, ତନ୍ମଧ୍ୟରୁ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରେ ବହୁ ଦିନରୁ ବାରମ୍ବାର ଦାବୀ ମୁତାବକ କେବେ ସୁଦ୍ଧା ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି ?

----

## ସିମୁଳିଆ ବ୍ଲକରେ ନୂତନ ଫାଣ୍ଡି ପ୍ରତିଷ୍ଠା

2534 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ନିର୍ବାଚନ ମଣ୍ଡଳୀ ଦୁଇଗୋଟି ବ୍ଲକୁ ନେଇ ଗଠିତ ହୋଇଥିବା ସ୍ଥଳେ ଖଇରା ଓ ସିମୁଳିଆ ବ୍ଲକରେ ତୁଡିଗଡିଆ ଓ ବାଲିଖଣ୍ଡ ଠାରେ ଦୁଇଟି ଫାଣ୍ଡି ପ୍ରତିଷ୍ଠା ପାଇଁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ, ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ଆଖି ଆଗରେ ରଖି ତୁରନ୍ତ ଦୁଇଟି ଫାଣ୍ଡି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖିବେ କି ?

----

## ଖାଲିଥିବା ଡାକ୍ତର, ନର୍ସ ପଦବୀ ପୂରଣ

2535 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲାରେ ଥିବା ବିଭିନ୍ନ PHC, CHC, SDH, DHH, ରେ ମୋଟ ଡାକ୍ତର ଓ ନର୍ସିଂ ପଦବୀ ସଂଖ୍ୟା କେତେ ଥିବାବେଳେ ବର୍ତ୍ତମାନ କେତେ ଜଣ କାର୍ଯ୍ୟରତ ଅଛନ୍ତି ଓ କେତେ ପଦବୀ ଖାଲି ଅଛି, ତାର ଡାକ୍ତରଖାନାୱାରୀ ଓ ପଦବୀୱାରୀ ତଥ୍ୟ ପ୍ରଦାନ କରିବେ କି, ଖାଲି ପଡିଥିବା ପଦବୀ ଗୁଡିକ ପୂରଣ ନିମନ୍ତେ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି, ଉକ୍ତ ଡାକ୍ତରଖାନା ମାନଙ୍କରେ ରୋଗୀ ସେବା ପାଇଁ କି ପ୍ରକାର ବ୍ୟବସ୍ଥା କରାଯଇଛି ?

----

## କାର୍ଯ୍ୟରତ ଡାକ୍ତରଙ୍କ ବଦଳୀ ନୀତି

**2536 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ବିଭିନ୍ନ Medical ଗୁଡିକରେ କାର୍ଯ୍ୟରତ ଡାକ୍ତରଙ୍କ ପାଇଁ ବଦଳୀ ନୀତି କ'ଣ ଅଛି, ଏବଂ ଉକ୍ତ ଡାକ୍ତରମାନେ ଯେତେବେଳେ କୌଣସି Training କିମ୍ବା higher course କରିବା ପାଇଁ ବାହାରକୁ ଯାଇଛନ୍ତି ସେମାନଙ୍କ ବଦଳରେ ଜଣେ ଡାକ୍ତର ନିଯୁକ୍ତି ଦେଲା ପରେ ସେମାନଙ୍କୁ ଅନ୍ୟତ୍ର ଯିବାର ଅନୁମତି ନିମନ୍ତେ ପଦକ୍ଷେପ ନେବେ କି, (ଖ) ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ PHC ଓ CHC ରେ MBBS ଡାକ୍ତର କାର୍ଯ୍ୟରତ ଥାଇ କେତେ ଜଣ ଉଚ୍ଚଶିକ୍ଷା ନିମନ୍ତେ (Specialist ଭାବେ) ଛୁଟିରେ (Study leave) ଯାଇଛନ୍ତି, ସେମାନଙ୍କର ତଥ୍ୟ ହସ୍ପିଟାଲୱାରୀ ପ୍ରଦାନ କରିବେ କି, ଉକ୍ତ ସ୍ଥାନମାନଙ୍କରେ ନୂଆ ଡାକ୍ତର ନିଯୁକ୍ତି ସକାଶେ ସରକାରଙ୍କର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ; କୋରାପୁଟ ଜିଲ୍ଲାର ସମସ୍ତ ହସ୍ପିଟାଲରେ ultrasound machine ଦେଇଥିବା ବେଳେ ଟେକ୍ନିସିଆନ କେବେସୁଧା posting କରିବେ ?

----

## Sub Center, PHC, CHC, Area Hospital, SDH ଏବଂ DHH ର ନୂତନ ଗୃହ ନିର୍ମାଣ

**2537 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୋରାପୁଟ ଜିଲ୍ଲାରେ ଥିବା ବିଭିନ୍ନ Sub Center, PHC, CHC, Area Hospital, SDH ଏବଂ DHH ର ନୂତନ ଗୃହ ନିର୍ମାଣ, ମରାମତି ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୨୦୧୫ ମସିହାରୁ ଆଜି ପର୍ଯ୍ୟନ୍ତ କେତେ ଅର୍ଥ ପ୍ରଦାନ କରାଯାଇଛି ଓ ଏହି ଅର୍ଥ କେଉଁ କେଉଁ ଡାକ୍ତଖାନାରେ କେଉଁ ମସିହାରେ କେଉଁ ଅନୁଷ୍ଠାନ ପାଇଁ କେତେ ଅର୍ଥ ବିନିଯୋଗ କରାଯାଇଛି ତାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି, ଆଗାମୀ ଦିନରେ କେଉଁ ଡାକ୍ତରଖାନାରେ ନୂତନ ଗୃହ ନିର୍ମାଣ କିମ୍ବା ମୋରାମତି ପାଇଁ ବିଭାଗ ନିକଟରେ ପ୍ରସ୍ତାବ ଅଛି କି; (ଖ) ଲକ୍ଷ୍ମୀପୁର CHC ରେ ବିଗତ ୫ ବର୍ଷରେ ହେଇଥିବା ସମୁଦାୟ କେତେ ଟଙ୍କାର ମରାମତି କାର୍ଯ୍ୟ କରାଯାଇଛି ?

----

## ଆୟୁଷ୍ମାନ ଯୋଜନାରେ ହିତାଧିକାରୀ

**2538 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆୟୁଷ୍ମାନ ଭାରତ ଯୋଜନାରେ ମିଳୁଥିବା ସ୍ୱାସ୍ଥ୍ୟ ବିମା କାର୍ଡ ଓଡ଼ିଶାର କେତେ ଜଣ ହିତାଧିକାରୀଙ୍କୁ ବର୍ତମାନ ସୁଧା ମିଳି ସାରିଛି ଓ ଭବିଷ୍ୟତରେ କେତେ ଜଣଙ୍କୁ ମିଳିବାର ଯୋଜନା ଅଛି; ଉକ୍ତ କାର୍ଡ କେଉଁ କେଉଁ ରୋଗ ପାଇଁ ଉଦ୍ଦିଷ୍ଟ ଏବଂ ଏହାକୁ ବ୍ୟବହାର କରିବା ପାଇଁ କଣ ନିୟମାବଳୀ ରହିଛି, ଏହି କାର୍ଡ ଓ BSKY କାର୍ଡ ମଧ୍ୟରେ କଣ କଣ ପାର୍ଥକ୍ୟ ରହିଛି; (ଖ) ଆୟୁଷ୍ମାନ ଭାରତ ଯୋଜନାରେ ଆଦିବାସୀ ବହୁଳ ଜିଲ୍ଲା ମାନଙ୍କରେ ବିଶେଷ କରି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ କେତେ ହିତାଧିକାରୀ ଉପକୃତ ହୋଇଛନ୍ତି ଓ ହିତାଧିକାରୀମାନଙ୍କୁ କେତେ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଦିଆଯାଉଛି ; ଓଡ଼ିଶାର ଓ ପଡୋଶୀ କେଉଁ କେଉଁ ରାଜ୍ୟର କେଉଁ କେଉଁ ହସ୍ପିଟାଲ ସହିତ ଆୟୁଷ୍ମାନ କାର୍ଡ ସହିତ ଟାୟଅପ କରାଯାଇଛି ?

----

### ଥାନା ଓ ଫାଣ୍ଡିରେ CCTV ଲଗାଇବା

2539 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାର କେଉଁ କେଉଁ ଥାନା ଓ ଫାଣ୍ଡିରେ CCTV ନାହିଁ କିମ୍ୱା ଅଚଳ ହୋଇ ରହିଛି ଓ ଏସବୁ ଥାନା କିମ୍ୱା ଫାଣ୍ଡିରେ କେବେ ସୁଦ୍ଧା CCTV କାର୍ଯ୍ୟକ୍ଷମ ହେବ ତା'ର ସବିଶେଷ ତଥ୍ୟ ପ୍ରଦାନ କରିବେ କି; ଜିଲ୍ଲାର କେଉଁ ଥାନା ଓ ଫାଣ୍ଡିରେ କେତେ CCTV ଲାଗିଥିଲା ସେଥିରୁ କେତେ ଅଚଳ ରହିଛି ତା'ର ତଥ୍ୟ ପ୍ରଦାନ କରିବେ କି, ଜିଲ୍ଲାରେ କେତୋଟି ନୂତନ ଫାଣ୍ଡି / ଥାନା ପ୍ରତିଷ୍ଠା କରିବା ଓ କେଉଁ କେଉଁ ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ବିଭାଗ ନିକଟରେ ପ୍ରସ୍ତାବ ରହିଛି ଓ ଏଗୁଡିକ କେଉଁ କେଉଁ ସ୍ଥାନରେ ହେବ ?

----

### କୋଭିଡ ସମୟରେ ଅର୍ଥ ବ୍ୟୟ

2540 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ କୋଭିଡ ସମୟରେ କେତେ ଅର୍ଥ କେଉଁ କେଉଁ କ୍ଷେତ୍ରରେ ବ୍ୟୟ କରାଯାଇଛି ତାର ପଞ୍ଚାୟତୱାରୀ, ବ୍ଲକୱାରୀ, ସହରାଞ୍ଚଳରେ ୱାର୍ଡୱାରୀ ତଥ୍ୟ ପ୍ରଦାନ କରିବେ କି, କରୋନାରେ ଭଦ୍ରକ ଜିଲ୍ଲାରେ ମୋଟ କେତେ ଜଣ ଆକ୍ରାନ୍ତ ହୋଇଥିଲେ, ସେମାନଙ୍କ ମଧ୍ୟରୁ କେତେଜଣଙ୍କ ମୃତ୍ୟୁ ହୋଇଛି ଏବଂ ସେମାନଙ୍କୁ/ ସେମାନଙ୍କ ପରିବାରକୁ କି କି ସହାୟତା ପ୍ରଦାନ କରାଯାଇଛି ତାର ଠିକଣା ସହ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି, କ୍ୱାରେଣ୍ଟାଇନ ସେଣ୍ଟରରେ କେତେ ଜନସାଧାରଣଙ୍କୁ ରଖାଯାଇଥିଲା ଓ ସେମାନଙ୍କୁ କେତେ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ?

----

### Investigation of Cattle Death

2541 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- In Nuapada district, 13 cattle reportedly died after consuming discarded food in Amsena panchayat, What administrative or departmental investigation has been initiated to identify responsibility for the

negligent disposal of leftover food, and what are its findings so far, Why has no court taken suo motu cognisance of this tragedy, considering the economic and emotional loss to cattle-owners, Will the government recommend or support a judicial inquiry or PIL if it has not yet happened?

----

## ଦୁର୍ନୀତି ବିଭାଗ ଦ୍ୱାରା ଲାଞ୍ଛୁଆ ଅଧିକାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

2542 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2024 ଜୁନ ମାସରୁ ଏଯାବତ୍ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଓ ଲାଞ୍ଚନେବା ଆୟବର୍ହିଭୁତ ଅଭିଯୋଗରେ କେତୋଟି ମାମଲା ରୁଜୁ କରିଛି ଏବଂ କେତେ ପରିମାଣର ଆମ୍ ସମ୍ପରି ଆକଳନ କରିବା ସହ ଜବତ କରିଛି ; ଏ ସଂକ୍ରାନ୍ତରେ କେଉଁମାନଙ୍କ ବିରୁଦ୍ଧରେ କେବେ ମାମଲା ରୁଜୁ ହୋଇଛି ଏବଂ କେଉଁମାନଙ୍କୁ ଗିରଫ କରି ଜେଲ୍ ପଠାଯାଇଛି ; ରାଜ୍ୟରେ ଏବେ କେତେ ସଂଖ୍ୟକ ଦୁର୍ନୀତି ନିବାରଣ ମାମଲା ଆଇନ୍ ଅଦାଲତରେ ଓ ଭିଜିଲାନ୍ସ ପୁଲିସ୍ ନିକଟରେ ପଡିରହିଛି ; ଗତ ବର୍ଷ ମଧ୍ୟରେ କେଉଁବର୍ଷ କେତୋଟି ଭିଜିଲାନ୍ସ ମାମଲା ଫଇସଲା ହୋଇଛି ଓ ଏଥିରୁ କେତେ ସଂଖ୍ୟକ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ?

----

## ରକ୍ତ ଭଣ୍ଡାର ଦ୍ୱାରା ରକ୍ତ ସଂଗୃହିତ

2543 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ 2 ମାଳି ମାସରୁ 2024 ମାର୍ଚ ମାସ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ରକ୍ତ ଭଣ୍ଡାରକୁ ସଂଗୃହିତ ହୋଇ କେତେ ୟୁନିଟ ରକ୍ତ ଆସିଥିଲା ତାହାର ଏକ ସମ୍ପୃତି ବିବରଣ ରକ୍ତ ଭଣ୍ଡାର ୱାରା ପ୍ରଦାନ କରିବେ କି, (ଖ) 2024 ମେ ମାସରୁ 2025 ଆଲ୍‌ବର ମାସ ସୁଦ୍ଧା କେଉଁ କେଉଁ ରକ୍ତ ଭଣ୍ଡାର ଦ୍ୱାରା କେତେ ପରିମାଣର ରକ୍ତ ସଂଗୃହିତ ହୋଇଛି ତାର ସମ୍ପୂର୍ଣ ବିବରଣୀ ଜିଲ୍ଲା ଏବଂ ରକ୍ତ ଭଣ୍ଡାର ଖିରୀ ପ୍ରଦାନ କରିବେ କି, ଏବଂ ସରକାର ଅଭାବ ରକ୍ତର ପୂରଣ ନିମିତ୍ତ କଣ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବେସରକାରୀ ହସ୍ପିଟାଲ ଗୁଡିକରେ ଥିବା କ୍ୟାଣ୍ଟିନ

2544 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଥିବା ବିଭିନ୍ନ ବେସରକାରୀ ହସ୍ପିଟାଲଗୁଡ଼ିକରେ ରୋଗୀଙ୍କ ଆଟେଣ୍ଡାଣ୍ଟଙ୍କ ପାଇଁ ଉଦ୍ଦିଷ୍ଟ କ୍ୟାଣ୍ଟିନରେ ଚଢା ଦରରେ ଖାଦ୍ୟ ବିକ୍ରି ହେଉଥିବାର ଖବର ଅଛି କି, (ଖ) ସାଧାରଣତଃ ରୋଗୀଙ୍କୁ ଛାଡ଼ି ବେଶୀ ଦୂରକୁ ଯିବା ସମ୍ଭବ ହେଉ ନଥିବାରୁ ସେମାନେ ବାଧ୍ୟ ହୋଇ ମେଡିକାଲ କ୍ୟାଣ୍ଟିନରେ ଖାଇ ଥାଆନ୍ତି । ରୋଗୀଙ୍କର ଆର୍ଥିକ ସମସ୍ୟାକୁ ଆଖି ଆଗରେ ରଖି ଏଭଳି କାର୍ଯ୍ୟରେ ଲିପ୍ତ ଥିବା ମେଡିକାଲ ଗୁଡ଼ିକରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହ ସୁଲଭ ମୂଲ୍ୟରେ ଖାଦ୍ୟ ଯୋଗାଇଦେବାକୁ ନିର୍ଦ୍ଦେଶ ଦେବେ କି ?

----

## ଆବଶ୍ୟକ ମୁତାବକ ଥିବା ଡ଼ାକ୍ତର ଓ କର୍ମଚାରୀ

2545 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବଡ଼ଚଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର, ଉପକେନ୍ଦ୍ର, ହସପିଟାଲ୍, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଆବଶ୍ୟକ ମୁତାବକ ଡାକ୍ତର ଓ କର୍ମଚାରୀ ଅଛନ୍ତି କି; (କ) ଯଦି ନାଁ ତେବେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ସରକାର ଏ ଦିଗରେ ପଦକ୍ଷେପ ନେବା ପାଇଁ ଚିନ୍ତା କରୁଛନ୍ତି କି ?

----

## Witnessed a Staggering 140% Jump in Cyber Fraud

2546 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Given that Odisha witnessed a staggering 140% jump in cyber fraud complaints in 2024, with 43,740 incidents reporting losses exceeding Rs.415.90 crore, and cyber crimes in Satyabadi constituency specifically, (a) District-wise breakup of cybercrime cases registered in Puri district and Satyabadi block in 2024-25, including recovery rates and conviction percentages (b)Timeline for establishing the dedicated Cyber Police Station in Puri district as announced, with adequate forensic infrastructure and trained personnel & Specific measures to protect elderly citizens and rural populations in Satyabadi who are increasingly vulnerable to digital arrest scams, investment frauds and UPI frauds & details of cybercrime awareness programs conducted in educational institutions, SHG groups and gram panchayats of Satyabadi constituency & Integration status of Satyabadi Police Station with the National Cybercrime Reporting Portal (NCRP) and 1930 helpline, including response time benchmarks ?

----

## Procurement Processes for life saving Medical equpment

2547 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The Orissa High Court directed OSMCL in October 2025 to expedite procurement processes for life-saving Medical equipment. Despite this, delays persist with timelines extending to 6-9 months, severely impacting hospital functionality in Puri and Satyabadi. CAG audit (2016-19) found only 43% of equipment procured against approvals, with large quantities lying idle. My questions are: (a) What steps has the Ministry taken to establish an emergency fast-track

procurement system to avoid critical delays ; (b) What accountability mechanisms have been initiated against officials and vendors responsible for delays or delivery of sub-standard equipment; (c) Will OSMCL publish a district-wise status report detailing procurement, installation and operationalisation of Hospital equipment across Puri and adjoining constituencies within the next two months ?

----

**Registered of Prevention of Atrocity Act**

**2548 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Howmany cases of Prevention of Atrocity Act have been registered in the State in last 3 years ; will the Govt furnish the details of information district wise and Quartom of compensation provided to victim ?

----

**Incident of communal castes Mob violance**

**2549 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- How many incident of Communal, castes Mob violance have taken place in the State from Jan 2024 to till the date; Will the Govt. furnish the details district wise and the action taken by the Govt to combat the violance ?

----

**ବିଭିନ୍ନ ସୂତ୍ରରୁ ରାଜସ୍ୱ ସଂଗ୍ରହ**

**2550 ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ୨୦୨୪ -୨୫ ଆର୍ଥିକ ବର୍ଷରେ କେଉଁ କେଉଁ ସୂତ୍ରରୁ କେତେ ପରିମାଣର କେଉଁ ବାବଦକୁ କେତେ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ଏବଂ ସେହି ସୂତ୍ରରୁ କେତେ ଅର୍ଥ ସଂଗ୍ରହ ହୋଇଥିଲା, ତାର ବିବରଣୀ ଦେବେ କି ; ନିଜସ୍ୱ ରାଜସ୍ୱ ସଂଗ୍ରହରେ କେଉଁ ସୂତ୍ରରୁ କେତେ ଆଦାୟ ହୋଇଥିଲା ; (ଖ) ଚଳିତ ୨୦୨୫- ୨୬ ଆର୍ଥିକ ବର୍ଷରେ କେଉଁ କେଉଁ ସୂତ୍ରରୁ କେତେ ରାଜସ୍ୱ ଯ଼ଥାଃ- ଅଣଟିକସ, ରାଜ୍ୟଟିକସ, କେନ୍ଦ୍ର ଅଂଶ, ଅନୁଦାନର ଟାର୍ଗେଟ ରହିଛି ଏବଂ ଏ ବାବଦକୁ କେତେ ସଂଗ୍ରହ ହୋଇଛି ?

----

**ଓଡ଼ିଶାରେ ବ୍ୟବସାୟ କରୁଥିବା NBFC ସଂସ୍ଥା**

**2551 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ଓଡ଼ିଶାରେ ବ୍ୟବସାୟ କରୁଥିବା NBFCଙ୍କ ପ୍ରତି ଦୁର୍ବଳତା ରହିଛି, ଯଦ୍ୱାରା UDAQ No.1179 ଓ dt.22.09.2025, ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ମନୋବୃତ୍ତି ପ୍ରକାଶ କରୁନାହାନ୍ତି; ବିଗତ ଦିନର chit funds and Hi-Tech ଜମି ଦୁର୍ନୀତି ପରି ଜାଲିଆତି ଓଡ଼ିଶା ବାସୀଙ୍କୁ ଗ୍ରାସ କରିବା ଆଗରୁ NBFC ଉପରେ ଉଚିତ୍ ଲଗାମ ଲାଗିବ କି?

----

## ଅନୁସୂଚିତ ଜନଜାତି ସରକାରୀ କର୍ମଚାରୀମାନଙ୍କୁ ଘର ତିଆରି ପାଇଁ ବ୍ୟାଙ୍କ ଦ୍ୱାରା ଋଣ ଦେବା

**2552 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅନୁସୂଚିତ ଜନଜାତି ସରକାରୀ କର୍ମଚାରୀ କି ଅଧିକାରୀଙ୍କୁ ଘର ତିଆରି କି କ୍ରୟ ପାଇଁ କୌଣସି ବ୍ୟାଙ୍କ loan ଦିଅନ୍ତି ନାହିଁ; ଯଦି ସତ, ତେବେ ଉଚିତ ସମାଧାନ ଦିଗରେ ବିକଳ୍ପ ବ୍ୟବସ୍ଥା କରାଯାଇଛି କି ?

----

## CCTV install in all Police Station & Out post

**2553 Shri Rupesh Kumar Panigrahi (Paralakhemundi):**

Will the **Chief Minister** be pleased to state that:- Which Police Stations & Out Post Do Not Have CCTV Installed Or Have Non-Functional CCTV Systems in Gajapati District; By When will CCTV installation and Full Operational Status Be Ensured n these police stations & out post ?

----

## Sanctioned of DHH, PHCs and CHCs of Gajapati District

**2554 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What are the Sanctioned posts in the DHH, PHCs and CHCs of Gajapati District; How many of these posts are currently filled and how many remain vacant; When will the vacant posts be filled ?

----

## ସାଇବର କ୍ରାଇମ ଦ୍ୱାରା ଲୁଟର ଶିକାର

**2555 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ୧୬ ମାସ ମଧ୍ୟରେ ସାଇବର କ୍ରାଇମ କେତେ ହୋଇଛି, ଡ଼ିଜିଟାଲ ଆରେଷ୍ଟ କେତେ ହୋଇଛି; କେତୋଟି କେସରେ ଅଭିଯୁକ୍ତମାନେ ଆରେଷ୍ଟ ହୋଇ ଚାର୍ଜସିଟ ଫାଇଲ ହୋଇଛି; ରାଜ୍ୟରୁ କେତେଟଙ୍କା ସାଇବର ଲୁଟେରା ଲୁଟି କି ନେଇଛନ୍ତି ଏବଂ ତନ୍ମଧ୍ୟରୁ କେତେଟଙ୍କା ଲୁଟର ଶିକାର ହୋଇଥିବା ବ୍ୟକ୍ତିମାନେ ଫେରିପାଇଛନ୍ତି ?

----

## ପୁରୀ ଜିଲ୍ଲା ଡ଼ାକ୍ତରଖାନାକୁ ଆବଶ୍ୟକତା ଅନୁଯାୟୀ medicine ଯୋଗାଣ

2556 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପୁରୀ District Headquarter Hospitalକୁ ନିୟମିତ ଭାବେ ଡ଼ାକ୍ତରୀ ସଂରଜାମ ଏବଂ ଔଷଧ ଯୋଗେଇଦେବା ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ଏବଂ ଆବଶ୍ୟକତା ଅନୁଯାୟୀ Medicine and Kitsର ଅଭାବ ନ ରହୁ ତାକୁ ଦୂର କରିବା ପାଇଁ ସରକାରଙ୍କ କଣ କଣ ପଦକ୍ଷେପ ରହୁଛି ?

----

## ଶ୍ରୀ ଜଗନ୍ନାଥ ହସପିଟାଲର ଭିତ୍ତିଭୂମି ସମସ୍ୟାର ସମାଧାନ

2557 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପୁରୀ ଶ୍ରୀ ଜଗନ୍ନାଥ ହସ୍ପିଟାଲ କାର୍ଯ୍ୟକାରୀ ହେବା ପାଇଁ ଏତେ ବିଳମ୍ବ କାହିଁକି, ହସ୍ପିଟାଲର ଭିତ୍ତିଭୂମିରେ ଯାହା ଯାହା ସମସ୍ୟା ଦେଖାଦେଇଥିଲା ଇତି ମଧ୍ୟରେ ତାର ସମାଧାନ ଘଟିଥିବା ସୂଚନା ମିଳୁଛି; ତେଣୁ ହସ୍ପିଟାଳ କେବେସୁଦ୍ଧା କାର୍ଯ୍ୟକ୍ଷମ ହେବ ଜଣାଇବା ସହ ଆଜିକା ଦିନର ସ୍ଥିତି କଣ; ଏବଂ ହସ୍ପିଟାଲଟି ସମ୍ପୂର୍ଣ୍ଣ ଭାବେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କେବେସୁଦ୍ଧା ଲୋକାର୍ପିତ ହେବ ?

----

## CHC ଓ PHC ରେ ଖାଲିଥିବା ଡାକ୍ତର ପଦବୀ

2558 **ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ (ଭଞ୍ଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଞ୍ଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ହସ୍ପିଟାଲ, CHC ଏବଂ PHCରେ ବହୁ ସଂଖ୍ୟକ ଡ଼ାକ୍ତର ଏବଂ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି ଏବଂ ମୋ ଅଞ୍ଚଳର ଗରିବ ରୋଗୀମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରୁନାହିଁ; ତେବେ ହସ୍ପିଟାଲ, CHC ଓ PHCରେ ଡ଼ାକ୍ତର ଏବଂ ବିଶେଷଜ୍ଞ ଅଭାବ ଦୂର କରିବା ପାଇଁ କଣ ପଦକ୍ଷେପ ନେଉଛି ଏବଂ ଏହା କେବେ ସମାଧାନ ହେବ ?

----

## Heads of Department ଅଧିନରେ ଥିବା ସରକାରୀ ସଚ୍ଚିବାଳୟ

2559 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ମର୍ଯାଦା ସଂପର୍ଣ୍ଣ ଗଭର୍ଣ୍ଣର ସଚିବାଳୟ, ରାଜ୍ୟ ସଚିବାଳୟ,ଓଡିଶା ବିଧାନ ସଭା ସଚିବାଳୟ ଓ ଓଡିଶା ଉଚ୍ଚ ନ୍ୟାୟାଳୟ ମଧ୍ୟରୁ କେଉଁ କେଉଁ ସଚିବାଳୟ Heads of Department ଅଧୀନରେ ଆସୁଅଛି, ଯଦି ଆସୁଥାନ୍ତି ତାହାର ନିର୍ଦ୍ଦିଷ୍ଟ କାରଣ ସହିତ ଏ ସଂପର୍କରେ ନିଆଯାଇଥିବା ନିଷ୍ପ ର ତଥ୍ୟାବଳି ପ୍ରଦାନ କରିବା ସହିତ ଉପରୋକ୍ତ ୪ ଗୋଟି ମର୍ଯାଦା ସଂପର୍ଣ୍ଣ ସଚିବାଳୟକୁ Heads of Department ଅଧୀନରେ ରଖାନଯାଇ ପୃଥକ ପୃଥକ ଭାବରେ ସ୍ୱତନ୍ତ୍ର ସଚିବାଳୟର ମାନ୍ୟତା ପ୍ରଦାନ କରିବା ପାଇଁ ପଦକ୍ଷେପ ନେବେ କି?

----

## ଚିକିତ୍ସାଧିନ ରୋଗୀକୁ ଜିଲ୍ଲାସ୍ତର ଚିକିତ୍ସାଳୟକୁ ସ୍ଥାନାନ୍ତର

**2560 ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରୁ ପ୍ରତ୍ୟେକ ଦିନ କେତେଜଣ ରୋଗୀଙ୍କୁ ଜିଲ୍ଲାସ୍ତର କିମ୍ବା ରାଜ୍ୟସ୍ତର ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଉଛି?

----

## ଅନୁପ୍ରବେଶକାରୀ ବଙ୍ଗଳାଦେଶୀ ଚିହ୍ନଟ

**2561 ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ (୨୦୧୪)ରୁ ଆଜି ପର୍ଯ୍ୟନ୍ତ ମୋଟ କେତେ ଗୋଟି ଅଣୁପ୍ରବେଶକାରୀ ବଙ୍ଗଳାଦେଶୀ ଓଡିଶା ରାଜ୍ୟ କୁ ପ୍ରବେଶ କରିଛନ୍ତି, ଏହାର ଜିଲ୍ଲାର ନାଁ ସହ ଜିଲ୍ଲାୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ଅଣୁପ୍ରବେଶକାରୀ ବଙ୍ଗଳାଦେଶୀ ମାନଙ୍କୁ ଚିହ୍ନଟ କରିବା ଏବଂ ତାଙ୍କ ଦେଶକୁ ଫେରାଇବାକୁ କି କି ପଦକ୍ଷେପ ନେଇଛନ୍ତି ?

----

## ପିପିଲିଗୁଡା ଠାରେ ନୂତନ ଥାନା ପ୍ରତିଷ୍ଠା

**2562 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାୟଗଡା ସହରରେ ଜନସଂଖ୍ୟା ବୃଦ୍ଧି ପାଇଁ ପ୍ରାୟ 2 ଲକ୍ଷରୁ ଉର୍ଦ୍ଧ ହେଲାଣି ସୁରକ୍ଷା ବ୍ୟବସ୍ଥା ନିମନ୍ତେ କେବଳ ଗୋଟିଏ ଥାନା ରହିଛି ରାୟଗଡା ସହର ମଧ୍ୟରେ କିଛି ଅଞ୍ଚଳ 10 କିଲୋମିଟର ଥିବା ଜେକେପୁର ଥାନା ଅଧିନରେ ରହିଛି, ସେହିପରି ଚେକାଗୁଡା ନିକଟରେ ଥିବା ବାଇସିଂଗ ପଞ୍ଚାୟତ ପ୍ରାୟ 30 ଦୂରରେ ଥିବା ଶେଷଖାଲ ଥାନା ଅଧିନରେ ରହିଛି, ଯଦ୍ୱାରା ସହର ମଧ୍ୟରେ ବାରମ୍ବାର ଚୋରି ଡକାୟତି ଏବଂ ଛିନତାଇଙ୍କ ଅପରାଧ ବୃଦ୍ଧି ପାଇଛି ଦୀର୍ଘ ପାଞ୍ଚ ବର୍ଷ ମଧ୍ୟରେ ଯୋତିକି ଚୋରି ହୋଇଛି ସେଗୁଡିକ ସମ୍ପୂର୍ଣ୍ଣ ଉଦ୍ଧାର ହେଉନାହିଁ, ଏହିସବୁ ସମସ୍ୟା ଯୋଗୁଁ ରାୟଗଡା ସହର ଜନସଂଖ୍ୟା ଅନୁପାତରେ ରାଣୀଗୁଡା ଫାର୍ମ ଅଞ୍ଚଳରେ ଗୋଟିଏ ଆଦର୍ଶ ଥାନା, ସେହିପରି ସାଇପ୍ରୟା ଅଞ୍ଚଳରେ ଗୋଟିଏ ନୂତନ ଥାନା, କାଶିପୁର ବ୍ଲକରେ ଉତ୍କଳ ଆଲୁମିନା କାରଖାନାକୁ ସୁରକ୍ଷା ଦେବା ପାଇଁ ଦୁଇଟି ଥାନା ରହିଥିବା ବେଳେ କାଶିପୁରରେ ମୋଟ 4 ଟି ଥାନା ଗୋଟିଏ ଫାଣ୍ଡି ରହିଛି, କିନ୍ତୁ ରାୟଗଡା ସହରକୁ କାହିଁକି ଅଣଦେଖା କରାଯାଉଛି, ତୁରନ୍ତ ସହରରେ ପୁଣି ଦୁଇଟି ଥାନା କରାଯିବା ସହ ପିପିଲିଗୁଡା ଅଞ୍ଚଳରେ ଗୋଟିଏ ଥାନାରେ ଅତି ଆବଶ୍ୟକ ରହିଛି ଏହାକୁ ଦୃଷ୍ଟିରେ ରଖି କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି କି ?

----

## ମହିଳାମାନେ ଅପରାଧର ଶିକାର

**2563 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରତିଦିନ ହାରାହାରି କେତେଜଣ ମହିଳା କେଉଁ କେଉଁ ପ୍ରକାର ଅପରାଧର ଶିକାର ହେଉଛନ୍ତି, ମହିଳାଙ୍କ ବିରୋଧରେ ଅପରାଧକୁ ରୋକିବା ପାଇଁ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Upgrade PHC to CHC

**2564 ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The following demand of people for Binka Block, 50 bed from 30 bed hospital, FGRU (First Referral Unit) status, Blood Bank and Staff Quarter (New), for Birmaharajpur SDH, dialysis centre at SDH, Birmaharajpur is at present 400 kidney patients, to renew the blood storage machine which is malfunctioning regularly and to upgrade Subalaya and Jatni PHC to CHC ?

----

## ନକଲି ଔଷଧ ବିତରଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**2565 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାରେ ଭେଷଜ ନିର୍ଦ୍ଦେଶାଳୟ ଅଧୀନରେ ବିଭିନ୍ନ ଜିଲ୍ଲାରେ ଥିବା ଭେଷଜ ନିରିକ୍ଷକଙ୍କ ଅଧୀନରେ ଚଳିତ ବର୍ଷ ଅକ୍ଟୋବର 31 ତାରିଖ ସୁଦ୍ଧା କେତେ ବୈଧ ଲାଇସେନ୍ସ ପ୍ରାପ୍ତ ପାଇକାରୀ ଏବଂ ଖୁଚୁରା ଔଷଧ ବ୍ୟବସାୟୀ ଅଛନ୍ତି ତାହାର ନାମ ଓ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲାୱାରୀ ଦେବେ କି, ନକଲି ଓ ଗୁଣବତ୍ତା ହିନ ଔଷଧ ରାଜ୍ୟରେ ପ୍ରଚାଳନ ହେଉଥିବା ଖବର ରାଜ୍ୟ ସରକାରଙ୍କ ପାଖରେ ଅଛି କି, ଓ ଏହା ଉପରେ ବିଭାଗ କି ପଦକ୍ଷେପ ଗ୍ରହଣ କରୁଛି ତାହାର ବିବରଣୀ ଦେବେ କି, ଔଷଧ ଓ ପ୍ରସାଧନ ଅଧିନିୟମ ଅନୁଯାୟୀ ରାଜ୍ୟରେ ଗତ ତିନି ବର୍ଷରେ କେତେ ଔଷଧ ଦୋକାନୀଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି ଏହାର ଜିଲ୍ଲାୱାରୀ ବିବରଣୀ ଠିକଣା ସହ ଦେବେ କି ?

----

**Quarter ବାବଦରେ ଖର୍ଚ୍ଚ**

**2566 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ Type Government Quarter ରହିଅଛି ଓ ସେଗୁଡିକରେ କିଏ କେଉଁ Type Quarters allot ହୋଇଅଛି ଓ ବଳକା କେତେ quarters ଖାଲିରହିଅଛି ଏବଂ ଏଥିପାଇଁ 2020-21 ଠାରୁ 2025-26 ପର୍ଯ୍ୟନ୍ତ କେଉଁ quarter ପାଇଁ କେତେ ଟଙ୍କା ଖର୍ଚ୍ଚ କରାଯାଇଅଛି?

----

**Mobile Tower ପ୍ରତିଷ୍ଠା**

**2567 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନବରଙ୍ଗପୁର ଜିଲ୍ଲାରେ କେତୋଟି କେଉଁ ବିଭାଗର Tower ରହିଅଛି ଓ ଯେଉଁ ସ୍ଥାନରେ Network ପାଉନାହିଁ ସେଠାରେ କେବେ ସୁଦ୍ଧା କେଉଁ ବିଭାଗ Tower ପ୍ରତିଷ୍ଠା କରାଯିବ ଜଣାଇବେ କି ; Senda Janiguda lodi chitgidisome ଇତ୍ୟାଦି ଗାଁରେ କେବେ କରାଯିବ?

----

**ଡାକ୍ତର ନିଯୁକ୍ତି**

**2568 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ D.H.H/PHC/CHC ଗୁଡିକରେ କେଉଁ Doctor ପଦବୀ ଖାଲି ରହିଅଛି ଓ ସେଗୁଡିକର ପୂରଣ କେବେ ସୁଦ୍ଧା କରାଯିବ ଜଣାଇବେ କି ; ଏହି ଅନୁଷ୍ଠାନଗୁଡିକରେ କି କି Civil House କରାଯାଉଅଛି?

----

**କ୍ୱାର୍ଟର ମରାମତି**

**2569 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନୂତନ ସରକାର ଆସିବା ପରେ ବିଭିନ୍ନ ମନ୍ତ୍ରୀମାନଙ୍କୁ ଦିଆଯାଇଥିବା କ୍ୱାର୍ଟରସ ଗୁଡିକର ମରାମତି ଏବଂ ନବିକରଣ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ ସମସ୍ତ ମନ୍ତ୍ରୀ ମାନଙ୍କର ଅଲଗା ଅଲଗା ଖର୍ଚ୍ଚ ତାଲିକା ପ୍ରଦାନ କରିବେ କି?

----

## ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିମନ୍ତେ ହେଉଥିବା ଖର୍ଚ୍ଚ ପରିମାଣ

2570 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ପଦ ପଦବୀରେ ଅବସ୍ଥାପିତ I.A.S. ଓ I.P.S. ଅଧିକାରୀଙ୍କ ଘରେ ସରକାର ଏବଂ ଠିକା ସଂସ୍ଥା ପକ୍ଷରୁ କେତେଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଛନ୍ତି ଏବଂ ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଅଛି ତାହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି?

----

## ଆୟୁଷ୍ମାନ କାର୍ଡ ପ୍ରଦାନ

2571 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆଜି ପର୍ଯ୍ୟନ୍ତ ରାଜ୍ୟରେ କେତେ ଲୋକଙ୍କୁ ଆୟୁଷ୍ମାନ କାର୍ଡ ଦିଆସରିଛି ଏବଂ କେତେ ଦେବାକୁ ବାକି ଅଛି ତାହାର ଜିଲ୍ଲାୱାରୀ ବିବରଣୀ ଦେବେ କି ; (ଖ) ଏ ପର୍ଯ୍ୟନ୍ତ ଆୟୁଷ୍ମାନ କାର୍ଡରେ ରାଜ୍ୟର ଏବଂ ରାଜ୍ୟ ବାହାରର ଘରୋଇ ହସ୍ପିଟାଲରେ କେତେ ଲୋକ ଚିକିତ୍ସିତ ହୋଇଛନ୍ତି ; ଏଥିପାଇଁ ଘରୋଇ ହସ୍ପିଟାଲଗୁଡିକ କେତେ ଟଙ୍କାର ବିଲ୍ ଦେଇଛନ୍ତି ଏବଂ ସେମାନଙ୍କୁ ଏଯାଏଁ କେତେ ଟଙ୍କାର ବିଲ୍ ପେମେଣ୍ଟ ସରିଛି?

----

## ଆୟୁଷ୍ମାନ କାର୍ଡ ବଣ୍ଟନ

2572 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆୟୁଷ୍ମାନ କାର୍ଡ ତିଆରି ଓ ବଣ୍ଟନରେ ରାଜ୍ୟରେ କେତେ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି ଏବଂ ଏଯାଏ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ସମ୍ପୂର୍ଣ୍ଣ ବିବରଣୀ ଦେବେ କି ; (ଖ) ଓଡିଶାରେ କେତୋଟି ଘରୋଇ ହସ୍ପିଟାଲ ଆୟୁଷ୍ମାନ ଯୋଜନାରେ ଅନ୍ତର୍ଗତ ଚିକିତ୍ସା ପାଉଛନ୍ତି ଏବଂ ସେଥିମଧ୍ୟରୁ ଏ ପର୍ଯ୍ୟନ୍ତ କେଉଁ କେଉଁ ହସ୍ପିଟାଲ ଆୟୁଷ୍ମାନ ଯୋଜନାରେ ରୋଗୀଙ୍କୁ ଆଦୌ ଚିକିତ୍ସା କରୁନାହାନ୍ତି?

----

## ଗୋ ଚାଲାଣ

2573 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ନୂଆ ସରକାର ଆସିବା ପରଠୁ ଗତ 17 ମାସରେ ରାଜ୍ୟରେ କେତୋଟି ଗୋ-ଚାଲାଣ ମାମଲା ରୁଜୁ ହୋଇଛି ; କେତେ ଗୋରୁ ଉଦ୍ଧାର ହୋଇଛନ୍ତି ଏବଂ କେତେଜଣ ଗିରଫ ହୋଇଛନ୍ତି ; 2023 ଓ 2024 ରେ ଏହି ସଂଖ୍ୟା କେତେଥିଲା?

----

## ଡାକ୍ତର ନିଯୁକ୍ତି

2574 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡିଶାରେ 24/25 ଆର୍ଥିକ ବର୍ଷରେ କେଉଁ ତାରିଖରେ କେତେ ଡାକ୍ତର ନୂତନ ଭାବେ ପୋଷ୍ଟିଂ ପାଇଛନ୍ତି ; ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବା ସହ ସରକାରଙ୍କର 35000 ନୂତନ ଡାକ୍ତର ପଦବୀ ପୂରଣ କରିବା ଲକ୍ଷ୍ୟର ସ୍ଥିତାବସ୍ଥା କଣ ; (ଖ) ଦେବଗଡ ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପଦବୀ କେତେ, Vacancy କେତେ ଏବଂ Vacancy କେବେ ସୁଦ୍ଧା ତାହା ପୂରଣ ହେବ?

----

## ଆମ୍ବୁଲାନ୍ସ ସେବା

2575 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବର୍ତ୍ତମାନ ଦେବଗଡ ଜିଲ୍ଲା ଉଦ୍ଦେଶ୍ୟରେ କେତେଗୋଟି ଆମ୍ବୁଲାନ୍ସ କାର୍ଯ୍ୟ କରୁଅଛି ; 108 ଆମ୍ବୁଲାନ୍ସ କର୍ମଚାରୀଙ୍କୁ ପୂର୍ବରୁ କେତେ କି.ମି. ଦୂରତା ମଧ୍ୟରେ ଥିବାବେଳେ କଲ ଯାଉଥିଲା ଏବଂ ବର୍ତ୍ତମାନ କେତେ କି.ମି. ଦୂରତାରେ ଥିଲେ କଲ୍ ଯାଉଅଛି ; ଯାହା ଫଳରେ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଅଛି ଏହା ସତ୍ୟ କି ; ଯଦି ହଁ ତାହେଲେ ସରକାର ଏହାର ପ୍ରତିକାର ପାଇଁ କଣ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ମହାପ୍ରୟାଣ ଗାଡି ବ୍ୟବସ୍ଥା

2576 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କେତେଗୋଟି ମହାପ୍ରୟାଣ ଗାଡି ଅଛି ; ଜନସଂଖ୍ୟା ଦୃଷ୍ଟିକୋଣରୁ ସରକାର ଆଉ ଅଧିକ ଗାଡିର ବ୍ୟବସ୍ଥା କରିବେ କି ; ଯଦି ହଁ କେବେ ସୁଦ୍ଧା କେତେଗୋଟି ମହାପ୍ରୟାଣ ଗାଡି ଦେବଗଡ ଜିଲ୍ଲାକୁ ଯୋଗାଇ ଦିଆଯିବ?

----

## ପୋଲିସ ଫାଣ୍ଡି ବ୍ୟବସ୍ଥା

2577 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସହର ଠାରୁ ଏବଂ ଜିଲ୍ଲା ମୁଖ୍ୟାଳୟ ଥାନା ଠାରୁ ପ୍ରାୟ ପାଞ୍ଚ କି.ମି. ରୁ ଅଧିକ ଦୂର ନୁଆଁବାଲିରୋଇ ଠାରେ ନୂତନ ଭାବେ ଜିଲ୍ଲାର ପ୍ରାୟ ସମସ୍ତ କାର୍ଯ୍ୟାଳୟ ସହ ନୂତନ ଜିଲ୍ଲା ହସ୍ପିଟାଲ ସ୍ଥାପିତ ହୋଇଅଛି ; ଏହାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଏକ ପୋଲିସ ଫାଣ୍ଡି ସ୍ଥାପନା କରିବାର ଯୋଜନା ସରକାରଙ୍କ ଅଛି କି ଏବଂ ଜରୁରୀ କାଳୀନ ଭିତ୍ତିରେ କେବେ ସୁଦ୍ଧା ସ୍ଥାପନା କରାଯିବ?

----

## ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ

2578 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ ଜିଲ୍ଲା ଅନ୍ତର୍ଗତ ବାରକୋଟ ଠାରେ ଦୀର୍ଘବର୍ଷ ହେବ ନିର୍ମାଣ ହୋଇଥିବା ଶବ ବ୍ୟବଚ୍ଛେଦ ଗୃହଟି କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ତଥ୍ୟ ସହ ପ୍ରକାଶ କରିବେ କି ଏବଂ ରିଆମାଳ ବ୍ଲକ ଅଧିନରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିମିତ୍ତ ସରକାରଙ୍କ କୌଣସି ଯୋଜନା ଅଛି କି ; ଯଦି ନାଁ ତେବେ କେବେ ସୁଦ୍ଧା ଯୋଜନା କରି ଏକ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକାରୀ ହେବ?

----

## ମୁଖ୍ୟ ମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ

2579 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ମୁଖ୍ୟ ମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଶୁଣାଣି ଗତ ୧୬ ମାସରେ କେତେ ଥର ହୋଇଛି, କେତେ ଅଭିଯୋଗ ଆସିଛି, ଅଭିଯୋଗ ସମାଧାନ କେତେ ହୋଇଛି, ସମସ୍ତ ଅଭିଯୋଗର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିବେ କି ?

----

## କର୍ମଚାରୀଙ୍କ ଚାକିରୀ ନିୟମିତ କରିବା ପାଇଁ ପଦକ୍ଷେପ

2580 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଉପଲବ୍ଧ ରକ୍ତ ଭଣ୍ଡାର ମାନଙ୍କରେ କାର୍ଯ୍ୟରତ ଶତାଧିକ କର୍ମଚାରୀ CLT, SN, Accounts, DEO, Attendant, Sweeper, driver, clerk) ଇତ୍ୟାଦି 24x7 (ମାସ ତମାମ ବିନା ଆରାମ) ହିସାବରେ ଜରୁରୀ କାଳୀନ ସେବା ଯୋଗାଇବା ସତ୍ତ୍ୱେ ସେମାନଙ୍କୁ ଦୈନିକ ମଜୁରିଆ ଭାବେ ବିବେଚନା କରାଯାଇ ମଜୁରୀ ଆକାରରେ ଅର୍ଥ ପ୍ରଦାନ କରାଯିବା ଉଚିତ୍ କି, ରକ୍ତ ସଂଗ୍ରହ ନିୟୋଜିତ କର୍ମଚାରୀଙ୍କ ପାଇଁ ସୁରକ୍ଷା ଉଦ୍ଦେଶ୍ୟରେ ସରକାର କଣ ସବୁ ପଦକ୍ଷେପ ନେଇଛନ୍ତି, ସେବାରେ ଗୁରୁତ୍ୱକୁ ଉପଲବ୍ଧ କରି ସେମାନଙ୍କୁ ତୁରନ୍ତ ନିୟମିତ ସେବାକାରୀ ବିବେଚନା କରିବା ନିମନ୍ତେ ପଦକ୍ଷେପ ନେବେ କି ?

----

## Details of "Kutumba Scheme"

2581 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Is it a fact that govt. is launching 'Kutumba' scheme as declared by state govt. for financial help to the families of the freedom fighter families and if so details of the scheme be supplies?

----

## ଫାର୍ମାସିଷ୍ଟ ପଦବୀ ପୂରଣ

2582 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜିଲ୍ଲାୱାରୀ କେତେ ଡକ୍ଟର, ଫାର୍ମାସିଷ୍ଟ, ଟେକନିସିଆନ,ନର୍ସ ପଦବୀ ଖାଲି ପଡିଛି, ସମୁଦାୟ ରାଜ୍ୟ ସାରା କେତେ, ଖାଲିଥିବା ପଦବୀ ପୂରଣ କେବେ ସୁଦ୍ଧା ହେବ ?

----

**FIR ଦାଖଲ ବିବରଣୀ**

2583 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ୧୬ ମାସ ମଧ୍ୟରେ କେତେଟି FIR ଦାୟର ହୋଇଛି, ତନ୍ମଧ୍ୟରୁ ମହିଳା ଜନିତ କେସ୍ ସଂଖ୍ୟା କେତେ, କେତୋଟି ଚାର୍ଜସିଟ ହୋଇଛି, କେତୋଟି କେଶରେ ଅଭିଯୁକ୍ତ ମାନେ ଦଣ୍ଡିତ ହୋଇଛନ୍ତି ?

----

**Criminal activity in Bolangir**

2584 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- What steps have been taken to ensure law and order in Balangir district, including measures to prevent violent incidents such as the recent attacks on youths and journalists; Will the Government provide a detailed information on the measures taken by the police and administration to prevent drug trafficking and criminal activities in Balangir district, including the recent seizures of ganja under 'Operation Gaja' and the discovery of Maoist explosives dumps?

----

**Proper utilization of fund**

2585 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- What measures has the Government taken to ensure proper utilization and monitoring of district-level funds in Balangir to prevent leakages or delays; How does the Government prioritize fund allocation among development, welfare, and emergency relief in Balangir district; Has the Government introduced any e-governance or digital monitoring system to track the expenditure and progress of projects in Balangir district ?

----

**Expansion of Health facility**

2586 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government provide details of maternal and child health indicators (MMR, IMR, institutional deliveries) for Balangir district and steps taken to improve them; (a) Whether the Government plans to strengthen SNCU, labour rooms and gynecology departments in the district; (b) Whether Balangir will receive an additional ambulance/108 allocation to improve emergency response time; Whether community-based health interventions under NHM will be expanded in rural Balangir ?

----

**Broadbank access in Rural Areas**

2587 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What steps has the Government taken to improve internet connectivity and broadband access in rural and semi-urban areas of Balangir district; How does the Government monitor the effectiveness and reach of digital literacy and IT training programs in Balangir district; What initiatives have been taken to encourage local entrepreneurs and startups in Balangir district in the field of electronics and IT; Has the Government taken any measures to integrate IT solutions in schools, colleges, and public service offices in Balangir district ?

----

**Modernization of Police Force**

2588 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- What steps has the Government taken to modernize the police force in Balangir district, including provision of vehicles, communication systems, and training for effective law enforcement; How does the Government plan to tackle poaching, illegal timber, and wildlife-related crimes in Balangir district ?

----

**Posting of lady surgeon**

2589 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The current number of Senior Residents posted at SCB Medical College & Hospital and at Sardar

Vallabhbhai Patel Post Graduate Institute of Paediatrics (Sishu Bhawan), Cuttack; (b) Whether the Government proposes to increase the number of Senior Resident posts in both institutions in view of the rising patient load; whether the Department will restore the Lady Surgeon posts, which are essential for women's /healthcare and emergency services; and If not, the reasons for not increasing Senior Resident strength and restoring Lady Surgeon posts despite urgent need ?

----

**Patient service of Sishu Bhawan, Cuttack**

**2590 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) When the last tender for outsourcing services at Sardar Vallabhbhai Patel Post Graduate Institute of Paediatrics (Sishu Bhawan), Cuttack was issued and its validity period; (b) Whether the present outsourcing agencies are operating beyond their approved tenure and the reasons for such continuation; By when the Department will float a new tender to ensure compliance; and what measures are being taken to maintain transparency and uninterrupted patient services ?

----

**Upgradation of Jail at Nuapada**

**2591 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) Whether the Government has taken any steps to upgrade the existing sub-jails of Nuapada, Nabarangpur, Sonepur, Rayagada and Deogarh into full-fledged district jails, considering these are independent districts; (b) Whether posts of Jail Superintendents and required staff will be sanctioned to reduce the overburden on sub-jail establishments; and The timeline proposed for converting these sub-jails into district jails, along with the present status of infrastructure and security upgradation in each district ?

----

**Timely response to the letters of MLAs/MPs**

**2592 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether all Departments have actually nominated nodal officers and dealing officers as instructed for timely

response to letters from Hon'ble MPs and MLAs; b) How many Monthly Progress Reports relating to matters from Barabati-Cuttack have been submitted, and which Departments have failed to submit such reports; and whether any monitoring mechanism exists to review delays in responses concerning Barabati-Cuttack; what steps the Government will take against Departments repeatedly falling to comply with Book Circular guidelines in this regard ?

----

### Pending Approval

**2593 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- (a) The complete list of proposals from various Departments relating to Barabati-Cuttack that are presently pending with the Finance Department for financial concurrence or administrative approval; (b) The date on which each proposal was received and the specific stage at which it is pending; The reasons for delay in approval, department-wise; and By when the Government proposes to clear these pending files to ensure timely execution of development works in Barabati-Cuttack ?

----

### Pension ପ୍ରଦାନ

**2594 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ः**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ରାଜ୍ୟର ସରକାରୀ କର୍ମଚାରୀଙ୍କ ପୁର୍ଣ୍ଣାଙ୍ଗ Pension ପ୍ରଦାନ ପ୍ରକ୍ରିୟାକୁ ଦ୍ରୁତ, ସ୍ୱଚ୍ଛ ଓ ନିର୍ବିଘ୍ନ କରିବା ପାଇଁ ସରକାର ଦ୍ୱାରା କେଉଁ ପଦକ୍ଷେପ ନିଆଯାଇଛି, Pension ଆବେଦନ, ସତ୍ୟାପନ ଓ ଅନୁମୋଦନ ପ୍ରକ୍ରିୟାରେ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାରର କୌଣସି ନୂତନ ଯୋଜନା ଆରମ୍ଭ କରାଯାଇଛି କି? ଅବସରପ୍ରାପ୍ତ କର୍ମଚାରୀଙ୍କ Pension ଜମା ହେବାରେ ବିଳମ୍ବ ଅଭିଯୋଗ ପାଇଁ କେଉଁ grievance redressal mechanism ରହିଛି ଓ କେତେ ଅବସପ୍ରାପ୍ତ କର୍ମଚାରୀଙ୍କୁ pension ପ୍ରଦାନ କରାଯାଇଅଛି ଓ ଆଉ କେତେ ବାକି ରହିଛି ?

----

### ସମ୍ପତ୍ତି ତାଲିକା ପ୍ରଦାନ

**2595 Shri Sitansu Sekhar Mohapatra (Bhadrak):**

Will the **Chief Minister** be pleased to state that:- ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ସମସ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଜନସାଧାରଣଙ୍କ ନଜରରେ ରଖାଯୋଗ୍ୟ ସ୍ୱଚ୍ଛ ତାଲିକା ଦାଖଲ କରିବା ପାଇଁ ସରକାର ପକ୍ଷରୁ କୌଣସି ସାମଗ୍ରୀକ ପଦକ୍ଷେପ ଗ୍ରହଣ କରାଯାଇଛି କି, ଯଦି ହଁ, ସମସ୍ତ ବିଭାଗରୁ ଯେଉଁ ସମ୍ପତ୍ତିର ତାଲିକାଗୁଡ଼ିକ ଦାଖଲ ହୋଇଛି, ସେଗୁଡ଼ିକର ସଂକ୍ଷିପ୍ତ ବିବରଣୀ କ'ଣ କେଉଁ ବିଭାଗରୁ ଏପର୍ଯ୍ୟନ୍ତ ତଥ୍ୟ ଦାଖଲ ନ ହୋଇଥିବା ପରି ପରିସ୍ଥିତି ଥିଲେ, ସରକାର ସେଥିରେ କିପରି ପଦକ୍ଷେପ ଗ୍ରହଣ କରୁଛନ୍ତି, ସମ୍ପତ୍ତି ତଥ୍ୟ ଦାଖଲ ନ କରିବା ପରି ଅବହେଳା ଉପରେ କୌଣସି ଶାସନାନୁଶାସନ ଭିତ୍ତିକ କାର୍ଯ୍ୟବାହୀ କରାଯିବାକୁ ସରକାରଙ୍କ ପ୍ରସ୍ତାବ ରହିଛି କି ?

----

## ନିଲାମ ପ୍ରକ୍ରିୟା

2596 **Shri Sitansu Sekhar Mohapatra (Bhadrak):**

Will the **Chief Minister** be pleased to state that:- ରାଜ୍ୟର ସ୍ୱାସ୍ଥ୍ୟ ବିଭାଗରେ ବାହ୍ୟ କର୍ମ ନିଯୁକ୍ତି ସଂସ୍ଥାମାନେ ଓ ସୁରକ୍ଷା ସଂସ୍ଥାମାନଙ୍କୁ ନିୟୋଜନ ପାଇଁ ଯେଉଁ ନିଲାମ ଆହ୍ୱାନ ପ୍ରକ୍ରିୟା ଚାଲୁଥାଏ, ସେହି ପ୍ରକ୍ରିୟାକୁ ପୂର୍ଣ୍ଣ ଭାବରେ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ କରିବା ପାଇଁ ରାଜ୍ୟ ସରକାର ପକ୍ଷରୁ କୌଣସି ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି କି, ଯଦି ହଁ, ତେବେ ସେହି ପଦକ୍ଷେପଗୁଡ଼ିକ କ'ଣ କ'ଣ, ନିଲାମ ଆହ୍ୱାନ ପ୍ରକ୍ରିୟାକୁ ଅନଲାଇନ୍, ପର୍ଯ୍ୟବେକ୍ଷଣଯୋଗ୍ୟ ଓ ଅଭିଯୋଗ ନିବାରଣ ମେକାନିଜମ୍ ସହିତ କେମିତି ସୁଦୃଢ଼ କରାଯାଇଛି, ପୂର୍ବବର୍ଷରେ କେତେ ନିଲାମ ପ୍ରକ୍ରିୟା ଏହି ସ୍ୱଚ୍ଛତା ନୀତି ଅନୁସାରେ କରାଯାଇଛି ?

----

## ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ସମ୍ପର୍କରେ

2597 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଅନେକ ଯୋଗ୍ୟ ଓ ଆବଶ୍ୟକଶୀଳ ପରିବାର ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଲାଭ ପାଇବା ଯୋଗ୍ୟ ହେଉଥିବା ସତ୍ତ୍ୱେ, Ration Card ନଥିବା କାରଣରୁ ସେମାନେ ଏହି ଜୀବନଜରୁରୀ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି ଏହା ପରିପ୍ରେକ୍ଷିତ, ରାଜ୍ୟ ସରକାର ପକ୍ଷରୁ Ration Card ନଥିବା ସତ୍ତ୍ୱେ ଯୋଗ୍ୟ ପରିବାରମାନେ ଆୟୁଷ୍ମାନ କାର୍ଡ ପାଇପାରିବେ ବୋଲି କୌଣସି ବିକଳ୍ପ ବ୍ୟବସ୍ଥା, ବିଶେଷ ନିୟମ, କିମ୍ବା ସହଜ ପ୍ରକ୍ରିୟା ରଖାଯାଇଛି କି, ଯଦି ହଁ, ତେବେ ସେହି ବିକଳ୍ପ ବ୍ୟବସ୍ଥା କ'ଣ, କେବେ ରୁ ଲାଗୁ ହୋଇଛି, କେତେ ଲୋକ ଏହାର ଲାଭ ଉଠାଇଛନ୍ତି ?

----

## ଆବଶ୍ୟକୀୟ ସ୍ୱାସ୍ଥ୍ୟ ଉପକରଣ ଯୋଗାଣ

2598 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ମହିଳା ଓ ଶିଶୁମାନଙ୍କୁ ସ୍ୱତନ୍ତ୍ର ସ୍ୱାସ୍ଥସେବା ଯୋଗାଇ ଦେବା ନିମନ୍ତେ ଯେଉଁ 100 ଶଯ୍ୟା ବିଶିଷ୍ଟ (mother child health care unit) 2016 2017 ଆରମ୍ଭ ହୋଇଛି ଓ ସେଥିନିମନ୍ତେ ଉପଯୁକ୍ତ ଆବଶ୍ୟକୀୟ ଉପକରଣ ଯୋଗାଣ ହୋଇଛି କି, ଯଦି ହଁ, କେଉଁ କେଉଁ ଉପକରଣ ଯୋଗାଇ ଦିଆଯାଇଛି ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବେକି, (ଖ) ନବଜାତ ଶିଶୁ Care Unit ପାଇଁ ଆବଶ୍ୟକୀୟ expert doctor ସହିତ ବିଶେଷ ଉପକରଣଗୁଡିକ ଯୋଗାଇ ଦେବା ନିମନ୍ତେ pilot project ଯଥାଶିଘ୍ର କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରଖିବା ସହିତ କେବେସୁଦ୍ଧା କାର୍ଯ୍ୟକାରୀ କରିବେ?

----

## ସୋରୋ CHC କୁ SDHରେ ପରିଣତ ପାଇଁ ପଦକ୍ଷେପ

**2599 ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ ) ସୋରୋ CHC କୁ ସରକାର SDH କୁ ଉନ୍ନୀତ କରିବେ କି ; ପାର୍ଶ୍ୱବର୍ଗ ୬ ଗୋଟି ବ୍ଲକକୁ ରୋଗୀମନେ ୫୦ କିମି. ଦୂରରୁ ଆସି ବାଲେଶ୍ୱର ମେଡ଼ିକାଲ କଲେଜକୁ ଆସି ଖର୍ଚ୍ଚାନ୍ତ ହେଉଥିବା ବେଳେ ସୋରୋ CHC କୁ SDH କୁ ଉନ୍ନୀତ କରି ଅଧିକ ସଂଖ୍ୟାର ଡ଼ାକ୍ତର, ନର୍ସ ଓ Bed ସଂଖ୍ୟା ବୃଦ୍ଧି କରି ଗରୀବ ରୋଗୀମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ବ୍ୟବସ୍ଥା କରିବେ କି ଏ ଦିଗରେ ବିହିତ ପଦକ୍ଷେପ ନେବେ କି, ଏତଦବ୍ୟତୀତ ଅନୁସଙ୍ଗିକ ବ୍ୟବସ୍ଥା ବୃଦ୍ଧି କରିବା ସହ ଅଧିକ ସଂଖ୍ୟକ ୧୦୨ ଆମ୍ବୁଲାନ୍ସ ଓ ମହାପ୍ରୟାଣ ଗାଡିର ବ୍ୟବସ୍ଥା କରିବେ କି, (ଖ) ସୋରୋ ନିର୍ବାଚନ ମଣ୍ଡଳୀରେ କେତେଗୋଟି 108 Ambulance ଉପଲବ୍ଧ ଅଛି ; ଗୋପାଳପୁର, ଅନନ୍ତପୁର ଏବଂ ସୋରୋ CHC ରେ ରୋଗୀମାନଙ୍କ ପାଇଁ 108 Ambulance ସେବା ଠିକ୍ ସମୟରେ ମିଳୁପାରୁନାହିଁ, ଯାହା ଫଳରେ ବିଭିନ୍ନ ସମୟରେ ରୋଗୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟିକୁ ଆସିଛି କି ?

----

## Post Mortem ଗୃହ ନିର୍ମାଣ

**2600 ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ ) ସୋରୋ ନିର୍ବାଚନ ମଣ୍ଡଳୀର ଗୋପାଳପୁର ଅଞ୍ଚଳରେ ଶବ ବ୍ୟବଚ୍ଛେଦ ଗୃହ (Post Mortem) ନଥିବା କଥା ସରକାର ଜାଣନ୍ତି କି, ଯଦି ହଁ, ତାହେଲେ ଲୋକଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୋପାଳପୁର CHC ରେ କେବେ ସୁଦ୍ଧା ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ହୋଇ କାର୍ଯ୍ୟକାରୀ କରାଯିବ ଓ ଏହି ରାସ୍ତାରେ ଯାତାୟତ କରୁଥିବାରୁ ପ୍ରତ୍ୟକ ଦିନ ଛୋଟବଡ Accident ରେ ଲୋକ ମୃତ୍ୟୁବରଣ କରିଥିବାରୁ ଏଠାରେ ପୋଷ୍ଟମର୍ଟମ ସେଣ୍ଟର ପାଇଁ ପ୍ରସ୍ତାବ ରଖିବେ କି, (ଖ ) ସୋରୋ ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତେଗୋଟି Health Sub-Centre ମଞ୍ଜୁର ହୋଇଅଛି, ତନ୍ମଧ୍ୟରୁ ଅଦ୍ୟାବଧି କେତୋଟି Sub-Centre ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି, କେବେସୁଦ୍ଧା ମଞ୍ଜୁର ହୋଇଥିବା Sub-Centre ଗୁଡିକୁ କାର୍ଯ୍ୟକ୍ଷମ କରାଇବେ ?

----

## ଚିଟଫଣ୍ଡ ଟଙ୍କା ଫେରସ୍ତ ସମ୍ପର୍କରେ

2601 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ସୋରୋ ନିର୍ବାଚନ ମଣ୍ଡଳୀ ରେ ମୋଟ କେତେ ଗୋଟି ଚିଟଫଣ୍ଡ କମ୍ପାନୀ କାର୍ଯ୍ୟ କରଥିଲେ ଏବଂ ଏହି ଚିଟଫଣ୍ଡ କମ୍ପାନୀ ମାନଙ୍କରେ ମୋଟ କେତେ ଜମାକାରୀ କେତେ ଟଙ୍କା କେଉଁ କେଉଁ କମ୍ପାନୀରେ ଜମା (Deposit) କରିଥିଲେ, ଏହାର ଗ୍ରାମପଞ୍ଚାୟତ ୱାରୀ ତାଲିକା ପ୍ରଦାନ କରିବେ କି ; (ଖ) ଲୋକମାନଙ୍କୁ ଟଙ୍କା ଫେରସ୍ତ ପାଇଁ ସରକାର Corpus Fund ଗଠନ କରିଥିଲେ ଓ କେତେ ଟଙ୍କା Deposit କରିଥିଲେ ଏବଂ ଗୋଟିଏ କମିଶନ୍ ବସାଇଥିଲେ କି, ଏହି କମିଶନ୍ ବସାଇବା ଦ୍ୱାରା ମୋଟ କେତେ ଟଙ୍କା କମିଶନ୍ ଉପରେ ଖର୍ଚ୍ଚ ହେଉଛି ; କେଉଁ ସମୟ ସୀମା ଭିତରେ ସମସ୍ତ ଜମାକାରୀ ମାନଙ୍କୁ ରାଜ୍ୟ ସରକାର ତାଙ୍କ ଜମା ଟଙ୍କା ଫେରସ୍ତ କରିବେ, ସୋରୋ ନିର୍ବାଚନ ମଣ୍ଡଳୀ ରେ Non- Banking Finance Co ଯଥା Fusion Finance, SKS Finance, Adhikari Group, Suryadoya Finance ଏପରି ଅନେକ finance ସଂସ୍ଥାମାନେ ଗ୍ରାମାଞ୍ଚଳମାନଙ୍କରେ ଚଢ଼ା ଦରରେ ଋଣ ଦେଉଥିବ ଖବର ବିଭାଗ ନଜରରେ ଅଛି କି ଯଦି ହଁ ତେବେ ବିଭାଗୀୟ ଅଧିକାରୀ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## CCTV Surveillance ସୁବିଧା

2602 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅଣତାରକା ପ୍ରଶ୍ନ 1227 ର 22.09.2025 ରେ ପ୍ରଦତ୍ତ ଉତ୍ତର ଆଧାରରେ, ସୋରୋ ସହର ରେ ସ୍ଥାନୀୟ କମ୍ୟୁନିଟି ସହିତ ଯୋଗାଯୋଗ କରି ଆସ୍ଥାୟୀ CCTV ଲଗାଇ ଗତିବିଧି ଉପରେ ନଜର ରଖାଯାଇଥାଏ ଏହା ବାସ୍ତବତା ପରଖିବା ପାଇଁ ବିଭାଗୀୟ ଅଧିକରୀ ଙ୍କ ଦ୍ୱାରା ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ କି, ଓ ସୋରୋ ନିର୍ବାଚନମଣ୍ଡଳୀରେ ମଧ୍ୟରେ ପୋଲିସ ଭିତ୍ତିଭୂମି ବିକାଶର ସ୍ଥିତି କ'ଣ, ଏବଂ ନୂତନ ପୋଲିସ୍ ପୋଷ୍ଟ, ଫାଣ୍ଡି ପାଇଁ ସରକାରଙ୍କ ଯୋଜନା କଣ ରହିଛି, ସୋରୋ ବ୍ଲକର ସିଙ୍ଗାଖୁଣ୍ଟା ଠାରେ ଏକ ନୂତନ ଫାଣ୍ଡି ପାଇଁ ବିଚାର କରାଯିବା ନିମନ୍ତେ ପଦକ୍ଷେପ ନେବେ କି, ବ୍ଲକ ହେଡ୍‌କ୍ୱାର୍ଟର ଥାନା ଗୁଡିକର ବିଭିନ୍ନ ଛକ, ବିଶେଷ ବ୍ୟବସାୟିକ ସ୍ଥାନ, ସହରର ମୁଖ୍ୟ ବଜାର, ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ ମାନଙ୍କରେ ସିସି ଟିଭି ସଭିଲାନ୍ସ ସୁବିଧା ଉପଲବ୍ଧ କରାଯିବା ଦିଗରେ ପଦକ୍ଷେପ ନେବେ କି ?

----

## ଟ୍ରମା Care ସେଣ୍ଟର ସମ୍ପର୍କରେ

2603 **ଶ୍ରୀ ମାଧବ ଧଡା (ସୋରୋ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ ) ଅଣତାରକା ପ୍ରଶ୍ନ ସଂଖ୍ୟା 1017 ତା 22.09.2025 ରିଖ ରେ ପ୍ରଦତ୍ତ ଉତ୍ତର ଆଧାର ରେ ସୋରୋ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ରୋଗୀମାନଙ୍କ ର ସେବା ନିମନ୍ତେ ଟ୍ରମା care ସେଣ୍ଟର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଅଛି କିନ୍ତୁ ବର୍ତ୍ତମାନ existing facility ରେ ସମ୍ବନିତ ଭାବରେ ଟ୍ରମା care ସେଣ୍ଟର ଚାଲୁଅଛି ଏକ ଉଚ୍ଚ ସ୍ତରୀୟ ବିଭାଗୀୟ ଅଧିକାରୀ ଙ୍କ ତତ୍ତ୍ୱାବଧାନ ରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟ ରେ ଟ୍ରମା care ସେଣ୍ଟର ପରିଚାଳିତ ହେଉଛି କି ନାହିଁ ଓ କେଉଁ ତାରିଖ ରୁ ଏହା ଚାଲୁଅଛି ତାହାର ସମସ୍ତ ବିବରଣୀ ପ୍ରଦାନ କରିବେ କି, (ଖ ) ଜାତୀୟ ରାଜପଥ ଉପରେ ଅସଂଖ୍ୟ ଭାରୀଯାନ ଚଳାଚଳ ଯୋଗୁଁ ଦୈନିକ ଦୁର୍ଘଟଣାଜନିତ ଅନେକ ମୃତାହତ ହେଉଥିବାରୁ ଦୁର୍ଘଟଣାଗ୍ରସ୍ତଙ୍କ ଆଶୁ ଚିକିତ୍ସା ପାଇଁ ଦୀର୍ଘଦିନ ଧରି ସୋରୋ ଠାରେ ଏକ Trauma Care Centre ସ୍ଥାପନ ଆଶା କେବେ ପୂରଣ ହେବ, ସୋରୋ ଡାକ୍ତରଖାନା କୁ ଆବଶ୍ୟକୀୟ ସ୍ୱତନ୍ତ୍ର ଡାକ୍ତର, ଟ୍ରମାକେୟାର ୟୁନିଟ୍ ପାଇଁ ଭିତ୍ତିଭୂମି ଏବଂ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ଦେବା ପାଇଁ ସରକାରଙ୍କ ନିର୍ଦ୍ଦିଷ୍ଟ ପଦକ୍ଷେପ କଣ ?

----

## ପ୍ରଶାସନିକ ଯୋଗ୍ୟତା ହାସଲ ପାଇଁ ସୁବିଧା ପ୍ରଦାନ

**2604 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଗତ ପାଞ୍ଚ ବର୍ଷ ମଧ୍ୟରେ କେତେଜଣ ଓଡିଶାର ଛାତ୍ରଛାତ୍ରୀ UPSC ଦ୍ୱାରା ପରିଚାଳିତ ସାଧାରଣ ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ IAS ଏବଂ IPS ପଦ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଗତ ପାଞ୍ଚବର୍ଷର ତଥ୍ୟ ପ୍ରଦାନ କରିବେ, (ଖ) ଓଡିଶାରୁ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ IAS ଏବଂ ହାସଲ କରିବା ପାଇଁ ସହାୟତା ଦେବାକୁ ସରକାର କିଛି କି, ଯଦି, ହଁ ଏହି ଯୋଜନା ବିଷୟରେ ସବିଶେଷ ତଥ୍ୟ ଦେବେ ଏବଂ କେତେଜଣ ଏହି ଯୋଜନାରେ ଉପକୃତ ହୋଇଛନ୍ତି ?

----

## Provide better Mobile Service

**2605 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- a) What the percentage of fragmented wireless subscriber market share in Odisha of BSNL and other entities like Airtel, Reliance Jio, Voda Fone, Idea etc, b) Whether state Govt. will step in like the Kerala Govt. into the firay to provide an alternative choice to subscribers, because of their poor service & call drops ?

----

## ହୋମ ଗାର୍ଡଙ୍କ ସ୍ଥାୟୀ ନିଯୁକ୍ତି

**2606 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଗୃହ ବିଭାଗ ଅଧୀନରେ କାର୍ଯ୍ୟରତ ହୋମଗାର୍ଡମାନଙ୍କର ସ୍ଥାୟୀ ନିଯୁକ୍ତି ନିମନ୍ତେ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଉଛି ସେମାନଙ୍କର ଆକସ୍ମିକ ଦୁର୍ଘଟଣା ପାଇଁ କି କି ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି, ଅଦ୍ୟାବଧି ରାଜ୍ୟରେ କେତେ ସଂଖ୍ୟାକ ହୋମଗାର୍ଡ କେଉଁ ଜିଲ୍ଲାରେ, କେଉଁ ଥାନା ଅଧିନରେ କାର୍ଯ୍ୟ କରୁଛନ୍ତି ତାହାର ଏକ ତାଲିକା ଦେବେ କି, ଏବଂ (ଖ) କନେଷ୍ଟବଳ ଠାରୁ ଆରମ୍ଭ କରି ଉଚ୍ଚପ୍ରଦସ୍ଥ ଅଧିକାରୀମାନଙ୍କ ଆକସ୍ମିକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସ୍ଥଳେ ସେମାନଙ୍କ ପରିବାରକୁ ବିଭାଗ ତରଫରୁ କି ପ୍ରକାରର ସହାୟତା ପ୍ରଦାନ କରାଯାଉଅଛି ଏବଂ ମୃତ ସ୍ୱାମୀଙ୍କ କ୍ଷେତ୍ରରେ ସ୍ତ୍ରୀମାନଙ୍କୁ ଅଥବା ପରିବାର ଜଣେ ସଦସ୍ୟଙ୍କୁ ଥଇଥାନ ନିମନ୍ତେ କି ବ୍ୟବସ୍ଥା ରହିଅଛି ଏବଂ ଅଦ୍ୟାବଧି କେଉଁ ଜିଲ୍ଲାରେ କେତେଜଣ ବିଗତ ୫ ବର୍ଷ ମଧ୍ୟରେ ଏହି ସୁବିଧା ପାଇଁ ଆବେଦନ କରିଛନ୍ତି ତନ୍ମଧ୍ୟରୁ କେତେଜଣ ଏହି ସୁବିଧା ପାଇଛନ୍ତି ଓ କେତେଜଣ ପାଇପାରି ନାହାଁନ୍ତି ତାର ଏକ ଜିଲ୍ଲାୱାରୀ ତାଲିକା ଦେବା ସହ ସେମାନେ କିପରି ନିଯୁକ୍ତି ପାଇ ପାରିବେ ସେଥି ପାଇଁ ବିଭାଗ ପକ୍ଷରୁ ବିହୀତ ପଦକ୍ଷେପ ଗ୍ରହଣ କରିବେ କି ?

----

## ନର୍ସିଂହୋମ ଗୁଡିକରେ ବ୍ୟାପକ ଅନିୟମିତତା

2607 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଗଢ଼ି ଉଠିଥିବା ନର୍ସିଂହୋଗୁଡିକ ରୋଗୀ ସେବାନାମରେ ଲୋକଙ୍କୁ ଲୁଟୁଥିବା କଥା ସରକାର ଅବଗତ ଅଛନ୍ତି କି, ଯଦି ନୁହଁନ୍ତି ତେବେ ବିଗତ ୩ବର୍ଷ ଠାରୁ ଅଦ୍ୟାବଧି କେଉଁ ଜିଲ୍ଲାର କେଉଁ ନର୍ସିଂ ହୋମ ଗୁଡିକ ଉପରେ ବିଭାଗ ପକ୍ଷରୁ ସର୍ଭେ କରାଯାଇଛି ତାର ଏକ ଜିଲ୍ଲାୱାରୀ ନର୍ସିଂ ହୋମୱାରୀ ତାଲିକା ଦେବାସହ ସେମାନେ ସରକାରଙ୍କ ନିୟମ ଅନୁଯାୟୀ କେଉଁମାନେ ଆବଶ୍ୟକୀୟ ବିଭିନ୍ନ ବିଭାଗର କ୍ଲିୟରାନ୍ସ ଦେଇଛନ୍ତି କେଉଁମାନେ କେଉଁଥିରେ ଖିଲାପି କରିଛନ୍ତି ତାର ସମ୍ପୂର୍ଣ ବିବରଣୀ ପ୍ରଦାନ କରିବେ କି, (ଖ) କଟକ ଜିଲ୍ଲାର ଆଠଗଡ଼ ଉପଖଣ୍ଡ ଚିକିତ୍ସା ଅଧୀନରେ କେତୋଟି କେଉଁଠାରେ ନର୍ସିଂ ହୋମ ହୋଇଛି ସ୍ଥାନୀୟ ସରକାରୀ ମେଡିକାଲ ଥାଇ କେତୋଟି କେଉଁଠାରେ ନର୍ସିଂ ହୋମ କରିଛନ୍ତି, ଏବଂ ସେଗୁଡିକର ପ୍ରାୟ ଦଲାଲଙ୍କ ଦ୍ୱାରା ରୋଗୀମାନେ ଶିକାର ହେଉଥିବାରୁ ଏହି ସିଂହୋମଗୁଡିକରେ ବ୍ୟାପକ ଅନିୟମିତତା ହେଉଥିବାରୁ ଏଗୁଡିକର ମାସିକ କେତେ ରୋଗୀ କେଉଁ ପ୍ରକାରର ଚିକିତ୍ସା ପାଉଛନ୍ତି ତାର ବିଗତ ୨ବର୍ଷ ଠାରୁ ଅଦ୍ୟାବଧି କେତେ ଚିକିତ୍ସିତ ହୋଇଛନ୍ତି ?

----

## Supply Details of MOU

2608 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) If beneficiaries under Ayushman Bharat Pradhan Mantri Jan Arogya Yojana ( AB PM - JAY) can get cashless benefits for OPD services including diagnosis ; If not, whether Government plans to include these services ; (b) For the larger interest of the Beneficiary and for sake of transparency details of the MOU signed by Government of Odisha details be provided ?

----

## ଫାର୍ମାସିଷ୍ଟ ନିଯୁକ୍ତି

**2609 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକରେ ମୋଟ କେତୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ( ନୂଆ) Primary Health Centre ( New) ଅଛି ସେଥିରୁ କେତୋଟି ଓ କେଉଁଠି ଫାର୍ମାସିଷ୍ଟ ନାହାନ୍ତି, କେବେଠାରୁ ନାହାନ୍ତି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ସ୍ୱାସ୍ଥ୍ୟକେନ୍ଦ୍ର ଏହି ପଦବୀ ଏକ Key Post ହୋଇଥିବାରୁ ସବୁଠାରେ ଏହିପଦବୀ ପୂରଣ ନିମନ୍ତେ ସରକାର ତ୍ୱରିତ ପଦକ୍ଷେପ ନେବେ କି ?

----

## ଅନଲାଇନ ଟ୍ରେନିଂ ଓ ପରୀକ୍ଷା

**2610 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମଧୁସୂଦନ ଦାସ ରିଜିଓନାଲ ଏକାଡ଼େମି ତରଫରୁ Financial Matter for Group A and B officials of State Govt. Department ପାଇଁ ଅନଲାଇନ ଟ୍ରେନିଂ ଓ ପରୀକ୍ଷାର ଅଭିନବ ବ୍ୟବସ୍ଥା ହୋଇଥିଲା କି ; ଏଥିରେ କେଉଁ କେଉଁ ବିଭାଗରୁ କେତେଜଣ ଭାଗ ନେଇଥିଲେ ଓ କେତେଜଣ କୃତକାର୍ଯ୍ୟ ହୋଇଥିଲେ ପରୀକ୍ଷା କେବେ ହୋଇଥିଲା ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ;କୃତକାର୍ଯ୍ୟ ହୋଇଥିବା Group A ଏବଂ B କର୍ମଚାରୀଙ୍କୁ ବିଭାଗ କର୍ମଚାରୀ ବ୍ୟତୀତ OTAS ପାଇଁ Selection Criteria ରେ ସୁଯୋଗନେବା ସହିତ ଏହି ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବେ କି ?

----

## System Analysis ପଦବୀ ପୂରଣ

**2611 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସରକାରଙ୍କ ବିଭିନ୍ନ ବିଭାଗରେ କେତେ System Analish ପଦବୀ ଖାଲିଅଛି ; କ୍ୟାଡ଼ର ଆଇନକୁ ଦୀର୍ଘ ୨୦ ବର୍ଷ ହେବ ପ୍ରମୋସନ ପାଇପାରୁନଥିବା କମ୍ପ୍ୟୁଟର ପ୍ରୋଗାମରମାନଙ୍କୁ ଏଥିରେ ଥଇଥାନ କରିବା ବ୍ୟବସ୍ଥାର ନୀତିଗତ ନିଷ୍ପତ୍ତି ସରକାର ଦେବେ କି ?

----

## ପଦୋନ୍ନତି ପାଇଁ ପଦକ୍ଷେପ

**2612 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଗ୍ରୁପ କର୍ମଚାରୀ ଯେଉଁ ପଦବୀରେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା B.Tech, MCA, M.Tech, MBA ଓ ୨୦୨୦ ରୁ ଅଧିକ ବର୍ଷର ଅଭିଜ୍ଞତା ଦୀର୍ଘ ବର୍ଷ ହେଲା ପ୍ରମୋସନରୁ ବଞ୍ଚିତ ଥିବାର ଉଦାହରଣ ସରକାରଙ୍କ ପାଖରେ ଅଛି କି ; ନିଜସ୍ୱ ପୋଷ୍ଟର କ୍ୟାଡ଼ର ନଥିବାରୁ ଓ ପୂର୍ବରୁ ପ୍ରଚଳିତ OTAS Selection, ORS Selection, Out Turn Promotion ଆଦି ବନ୍ଦ ହୋଇ ଯାଇଥିବାରୁ ସେମାନଙ୍କର ପ୍ରମୋସନ ହେବାର କୌଣସି ରାସ୍ତା ନାହିଁ ସରକାର ଏଥିରେ କଣ ପଦକ୍ଷେପ ଗ୍ରହଣ କରିବେ ?

----

## ବାସଗୃହ ମରାମତି

2613 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଳେଶ୍ୱର ଜିଃ କେ:ଭଟ୍ଟର ହସପିଟାଲ ଷ୍ଟାଫ ରହୁଥିବା ବାସଗୃହ ମରାମତି ଅଭାବରୁ କ୍ରମେ ବାସ ଅନୁପଯୋଗୀ ଆଡ଼କୁ ଯାଉଥିବା ସରକାର ଅବଗତ ଅଛନ୍ତି କି, ଏଥିଲାଗି ବାରମ୍ବାର ଦାବୀ ହେଉଥିବା ଦୃଷ୍ଟିରୁ ସରକାର ମରାମତି ସକାଶେ ଅବିଳମ୍ବେ ପଦକ୍ଷେପ ନେବେ କି ?

----

## ସରକାରୀ ମେଡ଼ିକାଲ କଲେଜର Professor ପଦବୀ ଖାଲି

2614 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର କେଉଁ କେଉଁ ସରକାରୀ ମେଡ଼ିକାଲ କଲେଜରେ କେଉଁ କେଉଁ ବିଭାଗରେ କେତେ କେତେ ସଂଖ୍ୟକ Professor/ Asst. Professor ଓ Asst. ପଦବୀ ଖାଲିଅଛି; (ଖ) ଏହି ପଦବୀଗୁଡ଼ିକ ଖାଲିଥିବା ହେତୁ ଶିକ୍ଷାଦାନ ବ୍ୟାହତ ହେଉଥିବା ସରକାର ଅନୁଭବ କରନ୍ତି କି; ଯଦି ହଁ, ତେବେ ଖାଲିଥିବା ଉପରୋକ୍ତ ପଦବୀ ଗୁଡ଼ିକ ପୂରଣ ନିମନ୍ତେ କି କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ମେଡ଼ିକାଲ କଲେଜ ପ୍ରତିଷ୍ଠା

2615 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡ଼ାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ସରକାର ବିଚାର କରୁଛନ୍ତି କି; ଯଦି ହଁ, ତେବେ କେଉଁ ସମୟରେ ଏହି ମେଡ଼ିକାର କଲେଜ କେନ୍ଦ୍ରାପଡ଼ାରେ ପ୍ରତିଷ୍ଠା ହେବ ନିର୍ଦ୍ଦିଷ୍ଟ ଭାବରେ କହିବେ କି ?

----

## Committee recommend for establishment of Medical College

2616 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Is it a fact that Hon'ble Minister has states in the House that the Govt. has constituted one Committee

to recommend for establishment of Medical College in the State ; If yes the details of furnishing if the Committee along with its sittings and recommendation till date .05.05 furnished ?

----

## ରାଶି ପ୍ରଦାନ ନିମନ୍ତେ ସୁପାରିଶ

2617 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) କେନ୍ଦ୍ର ପଞ୍ଚଦଶ ଅର୍ଥ କମିଶନ ତାଙ୍କ ଆୱାର୍ଡ ପିରିୟଡ଼ ୨୦୨୧-୨୬ ମଧ୍ୟରେ ଓଡ଼ିଶା ରାଜ୍ୟକୁ କେତେ କେତେ ପରିମାଣର ରାଶି ପ୍ରଦାନ ନିମନ୍ତେ ସୁପାରିଶ କରିଥିଲେ ତାର ଏକ ବର୍ଷୱାରୀ ତାଲିକା ଦେବେ କି; (ଖ) ଏହି ସୁପାରିଶ ଅନୁସାରେ ୨୦୨୧- ୨୬ ମଧ୍ୟରେ କେଉଁ କେଉଁ ବର୍ଷ କେତେ କେତେ ରାଶି ଓଡ଼ିଶା ରାଜ୍ୟକୁ ମିଳିଅଛି ?

----

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

2618 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ମୁଖ୍ୟମନ୍ତ୍ରୀ ମହୋଦୟ ନଭେମ୍ବର ୧୮- ୧୯ ରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଏସପିମାନଙ୍କ ସମ୍ମିଳନୀରେ ଅପରାଧିମାନଙ୍କୁ ଛାଡ଼ନ୍ତୁ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିବା ସତ୍ୟ କି; ଯଦି ହଁ, ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ଦିକିରାଇ ଥାନାର କେଶ ନଂ 0121/25 ର ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ସରକାର ଜାଣନ୍ତି କି; ଯଦି ହଁ, ତେବେ ଏହି ମାମଲାରେ ଅପରାଧିମାନଙ୍କୁ ଧରାଯିବାକୁ ପଦକ୍ଷେପ ନେବେ କି ?

----

## ଆବଣ୍ଟିତ ଆର୍ଥିକ ପରିମାଣ

2619 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସାଇବର ସୁରକ୍ଷା ଉପରେ ଗବେଷଣା ଏବଂ Artificial Intelligence ବିକାଶ ପାଇଁ ୨୦୨୫ - ୨୬ ଆର୍ଥିକ ବର୍ଷରେ E & IT ବିଭାଗ ପକ୍ଷରୁ ବଜେଟରେ ଆବଣ୍ଟିତ ଆର୍ଥିକ ପରିମାଣ କେତେ ଏବଂ ସାରା ରାଜ୍ୟରେ ଏବାବଦରେ କେତେଗୋଟି ଷ୍ଟାର୍ଟଅପ ପ୍ରୋତ୍ସାହନ ପାଇଛନ୍ତି ?

----

## ସବଟ୍ରେଜେରୀ କାର୍ଯ୍ୟାଳୟ ସ୍ଥାପନ

2620 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲାର ବାଲିଆପାଳଠାରେ ଏକ ସବ-ଟ୍ରେଜେରୀ କାର୍ଯ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ କୌଣସି ପ୍ରସ୍ତାବ ବିଚାରାଧୀନ ଅଛି କି ?

----

## ସାମୁଦ୍ରିକ ଥାନାର ସଂଖ୍ୟା

2621 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଉପକୂଳ ଓଡ଼ିଶାକୁ ସୁରକ୍ଷା ଦେବା ନିମନ୍ତେ ସମଗ୍ର ରାଜ୍ୟରେ ତଥା ବାଲେଶ୍ୱର ଜିଲ୍ଲାରେ କେତେଗୋଟି ସାମୁଦ୍ରିକ ଥାନା ରହିଛି ; ଏଥି ସହିତ ସାମୁଦ୍ରିକ ଥାନା ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା ସହିତ କର୍ମଚାରୀ ପଦବୀ ପୂରଣ ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ?

----

## ପଞ୍ଜିକୃତ ଅଭିଯୋଗର ସଂଖ୍ୟା

2622 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ଦୁଇବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି ପୋର୍ଟାଲ ମାଧ୍ୟମରେ କେତେଗୋଟି ଅଭିଯୋଗ ପଞ୍ଜିକୃତ ହୋଇଛି ଏବଂ ସେଥିମଧ୍ୟରୁ ସମାଧାନ ହୋଇଥିବା ଅଭିଯୋଗର ହାର ସମ୍ବନ୍ଧରେ ବିବରଣୀ ପ୍ରଦାନ କରିବେ କି ?

----

## ଡ଼ିଜିଟାଲ ସାକ୍ଷରତାକୁ ଉନ୍ନତ କରିବା ପାଇଁ ପଦକ୍ଷେପ

2623 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଡିଜିଟାଲ ସାକ୍ଷରତାକୁ ଉନ୍ନତ କରିବା ପାଇଁ ସରକାରଙ୍କ ଦ୍ୱାରା କଣ ସବୁ ପଦକ୍ଷେପ ନିଆଯାଉଛି; ଏଥି ସହିତ ଆଇ.ଟି ବିଭାଗ ପକ୍ଷରୁ ସ୍ମାର୍ଟ ଶ୍ରେଣୀଗୃହ ଏବଂ ଡିଜିଟାଲ ଲ୍ୟାବ୍ ପ୍ରତିଷ୍ଠା ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀର କେତେଗୋଟି ସ୍କୁଲ, କଲେଜ ଏବଂ ବୈଷୟିକ ପ୍ରତିଷ୍ଠାନକୁ ସହାୟତା ପ୍ରଦାନ କରାଯାଇଛି

----

## ବେଆଇନ ନର୍ସିଂହୋମ୍

2624 **Shri Ashok Kumar Das (Basudevpur):**

Will the Minister for **Health and Family Welfare** be pleased to state that:- ଭଦ୍ରକ ଜିଲ୍ଲାରେ ସମସ୍ତ ସରକାରୀ ନିୟମକୁ ଅନୁପାଳନ କରି କେତୋଟି ଘରୋଇ ଡାକ୍ତରଖାନା / କ୍ଲିନିକ / ନର୍ସିଙ୍ଗହୋମ ଚାଲୁଛି ତା'ର ବ୍ଲକ ୱାରି ତାଲିକା ପ୍ରଦାନ କରିବେ କି; ଏହି ସବୁ ଅନୁଷ୍ଠାନଗୁଡିକ କାହା ମାଲିକାନାରେ, କେବେଠାରୁ ଓ କେଉଁଠାରେ ଚାଲୁଛି ଜଣାଇବେ କି; ବେଆଇନଭାବେ ଚାଲୁଥିବା ଡାକ୍ତରଖାନା / କ୍ଲିନିକ / ନର୍ସିଙ୍ଗହୋମ ବିରୁଦ୍ଧରେ ବିଭାଗ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଜଣାଇବେ କି ; ସେହିପରି ଜିଲ୍ଲାରେ କେତୋଟି ଲାଇସେନ୍ସ ପ୍ରାପ୍ତ ଔଷଧ ଦୋକାନ ରହିଛି ?

----

## ଦୁର୍ନୀତି ନିବାରଣ ମାମଲା

2625 **Shri Ashok Kumar Das (Basudevpur):**

Will the **Chief Minister** be pleased to state that:- 2024 ଜୁନ୍ ମାସରୁ ଏଯାବତ୍ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଆୟବର୍ହିଭୁତ ସମ୍ପତ୍ତି ଠୁଳ ଓ ଲାଞ୍ଚନେବା ଅଭିଯୋଗରେ କେତୋଟି ମାମଲା ରୁଜୁ କରିଛି ଏବଂ କେତେ ପରିମାଣର ଆୟବର୍ହିଭୁତ ସମ୍ପତ୍ତି ଆକଳନ କରିବା ସହ ଜବତ କରିଛି ; ଏ ସଂକ୍ରାନ୍ତରେ କେଉଁମାନଙ୍କ ବିରୁଦ୍ଧରେ କେବେ ମାମଲା ରୁଜୁ ହୋଇଛି ଏବଂ କେଉଁମାନଙ୍କୁ ଗିରଫ କରି ଜେଲ୍ ପଠାଯାଇଛି ; ରାଜ୍ୟରେ ଏବେ କେତେ ସଂଖ୍ୟକ ଦୁର୍ନୀତି ନିବାରଣ ମାମଲା ଆଇନ୍ ଅଦାଲତରେ ଓ ଭିଜିଲାନ୍ସ ପୁଲିସ୍ ନିକଟରେ ପଡିରହିଛି ; ଗତ ୨ବର୍ଷ ମଧ୍ୟରେ କେଉଁବର୍ଷ କେତୋଟି ଭିଜିଲାନ୍ସ ମାମଲା ଫଇସଲା ହୋଇଛି ଓ ଏଥିରୁ କେତେ ସଂଖ୍ୟକ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି?

----

## ଡ଼ାକ୍ତର ନିଯୁକ୍ତି

**2626 Shri Ashok Kumar Das (Basudevpur):**

Will the Minister for **Health and Family Welfare** be pleased to state that:- ଭଦ୍ରକ ଜିଲ୍ଲାରେ ଥିବା ସମସ୍ତ PHC, CHC, Area Hospital, SDH, DHHରେ ମୋଟ ଡାକ୍ତର ଓ ନର୍ସିଂ ପଦବୀ ସଂଖ୍ୟା କେତେ ଥିବାବେଳେ ବର୍ତ୍ତମାନ କେତେ ଜଣ, କେବେଠାରୁ କାର୍ଯ୍ୟ କରୁଛନ୍ତି ଓ କେତେ ପଦବୀ ଫାଙ୍କା ରହିଛି ତାର ଡାକ୍ତରଖାନାୱାରୀ ଏବଂ ପଦବୀୱାରୀ ତଥ୍ୟ ପ୍ରଦାନ କରିବେ କି; ଖାଲି ପଡିଥିବା ପଦବୀ ଗୁଡିକ ପୂରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି; ଉକ୍ତ ଡାକ୍ତରଖାନା ଗୁଡିକରେ ରୋଗୀମାନଙ୍କ ନିମନ୍ତେ କେଉଁ କେଉଁ ସୁବିଧା ଉପଲବ୍ଧ କରାଯାଇଛି ?

----

## ନୂତନ ଗୃହ ନିର୍ମାଣ

**2627 Shri Ashok Kumar Das (Basudevpur):**

Will the Minister for **Health and Family Welfare** be pleased to state that:- ଭଦ୍ରକ ଜିଲ୍ଲାରେ ଥିବା ବିଭିନ୍ନ PHC, CHC, AREA HOSPITAL, SDH ଏବଂ DHHର ନୂତନ ଗୃହ ନିର୍ମାଣ, ମରାମତି ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୨୦୧୫ ମସିହାରୁ ଆଜି ପର୍ଯ୍ୟନ୍ତ କେତେ ଅର୍ଥ ପ୍ରଦାନ କରାଯାଇଛି ଓ ଏହି ଅର୍ଥ କେଉଁ କେଉଁ ଡାକ୍ତରଖାନାରେ ବିନିଯୋଗ କରାଯାଇଛି ତାର ବର୍ଷୱାରି ତାଲିକା ପ୍ରଦାନ କରିବେ କି ; ଆଗାମୀ ଦିନରେ କେଉଁ କେଉଁ ଡାକ୍ତରଖାନାରେ ନୂତନ ଗୃହ ନିର୍ମାଣ ପାଇଁ ବିଭାଗ ନିକଟରେ ପ୍ରସ୍ତାବ ଅଛି ?

----

## କୁଷ୍ଠ ରୋଗୀ ଚିହ୍ନଟ

**2628 Shri Ashok Kumar Das (Basudevpur):**

Will the Minister for **Health and Family Welfare** be pleased to state that:- ଭଦ୍ରକ ଜିଲ୍ଲାରେ ୨୦୧୫ ମସିହାରୁ ଆଜି ପର୍ଯ୍ୟନ୍ତ କେତେ କୁଷ୍ଠ ରୋଗୀ ଚିହ୍ନଟ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ କେତେ ସୁସ୍ଥ ହୋଇଛନ୍ତି ଓ କେତେ ରୋଗୀଙ୍କ ମୃତ୍ୟୁ ହୋଇଛି ତା'ର CHC ୱାରୀ ତଥ୍ୟ ପ୍ରଦାନ କରିବେ କି; କୁଷ୍ଠ ନିରାକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କେଉଁ ବର୍ଷ କେତେ ଅର୍ଥ ପ୍ରଦାନ କରାଯାଇଥିଲା ଏବଂ ଏହି ଅର୍ଥ କିଭଳି ବିନିଯୋଗ ହୋଇଛି ତା'ର ବର୍ଷ ୱାରୀ ତାଲିକା ପ୍ରଦାନ କରିବେ କି; ରାଜ୍ୟ ସରକାର କୁଷ୍ଠ ରୋଗ ନିରାକରଣ ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ସ୍ୱତନ୍ତ୍ର ଡ଼ାକ ଟିକଟ ଉନ୍ମୋଚନ

2629 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ବରପୁତ୍ର, ବିଶିଷ୍ଟସ୍ଥାନ ଉପରେ କେତେ ମୂଲ୍ୟର ଡ଼ାକଟିକଟ ପ୍ରଚଳନ ହୋଇଛି ପ୍ରକାଶ କରି ସମାଜର ପୂର୍ବତନ ସମ୍ପାଦକ ଡଃ. ରାଧାନାଥ ରଥ, ଲୋକସଭାର ପୂର୍ବତନ ବାଚସ୍ପତି ରବିରାୟ, ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଉପରେ ସ୍ୱତନ୍ତ୍ର ଡ଼ାକଟିକଟ ପ୍ରଚଳନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ନୂତନ ବହୁତଳ ବିଶିଷ୍ଟ ସରକାରୀ ବାସଗୃହ ନିର୍ମାଣ

2630 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ସହରରେ ଥିବା ପୁରୁଣା ଜରାଜୀର୍ଣ୍ଣ ସରକାରୀ ବାସ ଗୃହକୁ ନଷ୍ଟକରି ବହୁତଳ ବିଶିଷ୍ଟ ସରକାରୀ ବାସଗୃହ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ମଡ଼େଲ ଥାନା ପ୍ରତିଷ୍ଠା

2631 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚୌଦ୍ୱାର ଥାନା, ମାଲଗୋଦାମ ଥାନା, ବାଦାମବାଡ଼ି ଥାନା, ଜଗତପୁର ଥାନାକୁ ବିଦ୍ୟାଧରପୁର ଓ ମଙ୍ଗଳାବାଗ ମଡ଼େଲର ଥାନା ଭାବେ କରିବା ପାଇଁ ସରକାର ବ୍ୟୟ ବରାଦ ପୂର୍ବକ ଏହା କାର୍ଯ୍ୟକାରୀ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Outsourcing ମାଧ୍ୟମରେ ନିଯୁକ୍ତି

2632 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- SCB Medical College & Hospitalରେ outsourcing ମାଧ୍ୟମରେ ନିୟୋଜନ ପାଇଁ କେଉଁ Agencyକୁ କେତେ ଅର୍ଥ ପ୍ରଦାନ କରାଯାଇଛି ?

----

## Mobile Tower ସ୍ଥାପନ

2633 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Banki Sub-Division ଅନ୍ତର୍ଗତ ଓ କଟକ ଜିଲ୍ଲା Head Quarter ଠାରୁ ମାତ୍ର 20 K.M. ଦୂରତାରେ ଥିବା ଗ୍ରାମ ବା Areaରେ mobile tower network ଆସୁନଥିବା କଥା ସରକାର ଜାଣନ୍ତି କି; ଯଦି ହଁ ତା ହେଲେ ଏହାର ପ୍ରତିକାର ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

## ବ୍ୟୟ ମଞ୍ଜୁରି ବିନିଯୋଗ ହାର

2634 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Odisha Budget ର 6 ମାସରୁ ଉର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କେଉଁ ବିଭାଗ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତାର ବିଶେଷ ତଥ୍ୟ ସରକାର ଦେବେ କି ?

----

## Cyber Crime ରୋକିବାକୁ ପଦକ୍ଷେପ

2635 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ online cyber crime କୁ ରୋକିବା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ?

----

## Imposition of G.S.T.

2636 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- In block work executive what is the formula for GST above what amount GST will be imposed in block ?

----

## ଥାନା ସୀମା ନିର୍ଦ୍ଧାରଣ

2637 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥାନା ଗୁଡ଼ିକର ସୀମା ନିର୍ଦ୍ଧାରଣ କରି ନଥିବାରୁ ଜନ ସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉ ଅଛନ୍ତି, ତେଣୁ ଥାନା ଗୁଡ଼ିକର ସୀମା ନିର୍ଦ୍ଧାରଣ କରିବା ଦିଗରେ ସରକାର ପଦକ୍ଷେପ ନେବେ କି ?

----

## ଖଣି ରାଜସ୍ୱ ଆୟ ପରିମାଣ

2638 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣି ମାଧ୍ୟମରେ 2024-2025ରେ କେତେ ରାଜସ୍ୱ ଆଦାୟ ହୋଇଅଛି ଏବଂ 2025-2026ରେ କେତେ ରାଜସ୍ୱ ଆଦାୟ କରିବା ପାଇଁ ସରକାର ଯୋଜନାବଦ୍ଧ କରିଛନ୍ତି ଓ ଉକ୍ତ ଅର୍ଥରୁ ଜିଲ୍ଲାର ବିକାଶ କରିବା ପାଇଁ ଚିନ୍ତାଧାରା ରଖୁଛନ୍ତି, ସେହି ଅନୁସାରେ କଣ, କଣ କାମ ହେବ ?

----

## ଇଲେକ୍ଟ୍ରୋନିକସ ଟ୍ରେନିଂ ସେଣ୍ଟର ଖୋଲିବା ପାଇଁ ପ୍ରସ୍ତାବ

2639 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ/ଦେଶରେ ଇଲେକ୍ଟ୍ରୋନିକସ ମାଧ୍ୟମରେ କାର୍ଯ୍ୟକାରିତା ଦିନକୁ-ଦିନ ବଢ଼ି ବଢ଼ି ଚାଲିଛି, ତାକୁ ଆଖି ଆଗରେ ରଖି ସରକାର କେତୋଟି ଇଲେକ୍ଟ୍ରୋନିକସ ଟ୍ରେନିଂ ସେଣ୍ଟର ରାଜ୍ୟରେ କେଉଁ କେଉଁ ଠାରେ ଖୋଲିଛନ୍ତି ଏବଂ ଏଥିରେ କେତେ ସଂଖ୍ୟକ ଛାତ୍ର/ଛାତ୍ରୀ ଶିକ୍ଷା ଗ୍ରହଣ କରିବା ପାଇଁ Registration କରିଛନ୍ତି ?

----

## ମେଡିକାଲ ଗୃହ ମରାମତି

2640 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ କେତୋଟି PHC ଓ CHC ଡାକ୍ତର ଖାନା ଅଛି ଏବଂ ସେହି ଡାକ୍ତର ଖାନା ଗୁଡିକର ନିଜସ୍ୱ ଘର କେତୋଟି ଅଛି ଏବଂ ସେଥି ମଧ୍ୟରେ କେତୋଟି ଭଗ୍ନ ଅବସ୍ଥାରେ ଅଛି, ତାହାକୁ ଚିହ୍ନଟ କରାଯାଇ ଗୃହ ଗୁଡିକୁ ମରାମତି କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ଥାନା ପ୍ରତିଷ୍ଠା

2641 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସାଲେପୁର ନିର୍ବାଚନ ମଣ୍ଡଳୀର ଜପକୁଦ ଓ ମଙ୍ଗୁଳିଠାରେ ଥାନା ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଡାକ୍ତର ଓ କର୍ମଚାରୀ ନିଯୁକ୍ତି

2642 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାର କେଉଁ କେଉଁଠାରେ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ୍ ମେଡିକାଲ ଥିଲାବେଳେ ସେଠାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ଓ ଅନ୍ୟ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବାସଗୃହ ଆବଣ୍ଟନ

2643 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜଧାନୀ ଭୁବନେଶ୍ୱରରେ କେତେଜଣ ଅବସରପ୍ରାପ୍ତ କର୍ମଚାରୀ ଧାର୍ଯ୍ୟ ସମୟ ବାହାରେ ସରକାରୀ ବାସଗୃହକୁ ଜବରଦଖଲରେ ରହିଛନ୍ତି, ତାହାର ତାଲିକା ପ୍ରଦାନ ସହ ସେମାନଙ୍କୁ ଅପସାରଣ ପୂର୍ବକ ସରକାରୀ ବାସଗୃହ ଅପେକ୍ଷାରେ ଥିବା ସରକାରୀ କର୍ମଚାରୀମାନଙ୍କୁ ଏହି ବାସଗୃହ ଆବଣ୍ଟନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ

2644 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ବିଗତ ତିନି ବର୍ଷରେ କେତେଜଣ ଅନ୍ତର୍ବିଭାଗୀୟ ଓ ବହିର୍ବିଭାଗୀୟ ରୋଗୀ ଚିକିତ୍ସିତ ହୋଇଛନ୍ତି, ତନ୍ମଧ୍ୟରୁ କେତେଜଣ ମୃତ୍ୟୁବରଣ କରିଛନ୍ତି ପ୍ରକାଶ କରି ଏଠାରେ ଆବଶ୍ୟକ ସଂଖ୍ୟକ ପ୍ରଫେସର, ବିଶେଷଜ୍ଞ, ଡାକ୍ତର ଓ ଅନ୍ୟ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## Shifting of Blood Bank

2645 **Shri Sagar Charan Das (Bhawanipatna):**

Will the Minister for **Health and Family Welfare** be pleased to state that:- The reason for shifting long-serving contractual blood bank workers to a daily-wage system (26-day model) from November 2022 as per orders of SBTC, without any incentives for fourth- grade staff and without providing basic benefits such as EPF, ESI or pension and whether corrective steps will be taken to ensure a fair and uniform wage structure ?

----

## Multi-year ceiling budget reform

2646 **Shri Sagar Charan Das (Bhawanipatna):**

Will the **Chief Minister** be pleased to state that:- The Finance Department has

decided to move to a multi-year ceiling budget model for the next three years to give departments greater predictability, how will this reform ensure better long-term planning and what mechanisms are being put in place to monitor and enforce discipline within those ceilings ?

----

## IT Policy-2025

**2647 Shri Sagar Charan Das (Bhawanipatna):**

Will the Minister for **Electronics & Information Technology** be pleased to state that:- With the recent approval of the Odisha IT Policy-2025 and the Electronics Component Manufacturing Policy, how does the E&IT Department plan to ensure that the incentive schemes (capital subsidy, power tariff reimbursement, land allotment) translate into real investments, and what is the projected timeline for large-scale job creation under these policies ?

----

## Implementation of Resolution

**2648 Shri Sagar Charan Das (Bhawanipatna):**

Will the **Chief Minister** be pleased to state that:- As the General Administration Department Resolution No. 14327 dated 04.07.2017 grants equal status to lecturers recruited through merit-based systems such as OPSC and SSB, will the government specify why SSB-recruited lecturers in aided colleges are still denied pay parity and service benefits, What steps have been taken to implement this resolution uniformly across all Degree Colleges ?

----

## ଆୟୁଷ୍ମାନ ଯୋଜନାରେ ରୋଗୀ ଚିକିତ୍ସା

**2649 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଗତ ୨୦୨୪ -୨୫ ଆର୍ଥିକ ବର୍ଷରେ ଆୟୁଷ୍ମାନ ଯୋଜନାରେ କେଉଁ କେଉଁ ଘରୋଇ ହସ୍ପିଟାଲ୍ କେତେ ରୋଗୀ ଚିକିତ୍ସିତ ହୋଇଛନ୍ତି , ଏହି ବାବଦରେ କେଉଁ ହସ୍ପିଟାଲ୍ କୁ କେତେ ଟଙ୍କା ସରକାରୀ ତାହାବିଲର ଖର୍ଚ୍ଚ ହୋଇଛି ?

----

## ମାଓବାଦୀ ଦମନ

2650 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ରେ ନଭେମ୍ବର ମାସ ପ୍ରଥମ ସପ୍ତାହ ସୁଦ୍ଧା କେତୋଟି ଜିଲ୍ଲା ମାଓ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି ? ଗତ ଦେଢ଼ ବର୍ଷ ମଧ୍ୟରେ କେତେ ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି, କେତେଜଣ ଏନକାଉଣ୍ଟରର ଶିକାର ହୋଇଛନ୍ତି, ମାଓବାଦୀ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ମାସିକ ଦରମା ପ୍ରଦାନ

2651 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ରେ ଥିବା ରକ୍ତ ଭଣ୍ଡାର ଗୁଡ଼ିକରେ କାର୍ଯ୍ୟରତ ଡ୍ରାଇଭର ଓ କର୍ମଚାରୀଙ୍କ ମାସିକ ଦରମା କେତେ, ଜରୁରୀ କାଳୀନ ସେବା ରେ ନିୟୋଜିତ ହୋଇଥିବା ଏହି କର୍ମଚାରୀ ମାନେ ମାସିକ ଯେଉଁ ଦରମା ପାଇଛନ୍ତି ତାହା ଏକ ପରିବାର ପ୍ରତିପୋଷଣ ପାଇଁ ପର୍ଯ୍ୟାପ୍ତ କି, ରାଜ୍ୟ ସରକାର ଏହି କର୍ମଚାରୀ ଙ୍କୁ ମାସିକ ଦରମା ବାବଦ ରେ ପୁର୍ନବିଚାର କରିବା ସହ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ବିଚାର କରିବେ କି ?

----

## ଦରମା/ପେନସନ ବାବଦ ଖର୍ଚ୍ଚ ପରିମାଣ

2652 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଚଳିତ ନଭେମ୍ବର ମାସ ଶେଷ ସୁଦ୍ଧା କେତେ ସରକାରୀ କର୍ମଚାରୀ ଅଛନ୍ତି ଏବଂ କେତେ ସଂଖ୍ୟକ ପେନସନ ଭୋଗୀ ଅଛନ୍ତି, ଏ ବାବଦରେ ମାସିକ କେତେ ଅର୍ଥ ରଜକୋଷ ରୁ ଖର୍ଚ୍ଚ ହେଉଛି ?

----

## OSWAS ସେବା ପ୍ରଚଳନ

2653 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ OSWAS ମାଧ୍ୟମରେ ସମସ୍ତ ଚିଠିକୁ ପଂଜିକୃତ କରିନଥିଲେ ପେସ କରିବା ସହ ତାହା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି, OSWAS ମାଧ୍ୟମରେ ପ୍ରତି କର୍ମଚାରୀମାନଙ୍କ କାର୍ଯ୍ୟର ମୂଲ୍ୟାୟନ କରିବା ସହ ଏହି ବ୍ୟବସ୍ଥାକୁ ବ୍ଲକ ଓ କ୍ଷେତ୍ରସ୍ଥିର ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଗିରଫ ପରୱାନା

2654 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାର କେଉଁ ଥାନାରେ କେତେଜଣ ବ୍ୟକ୍ତିଙ୍କ ଉପରେ ଗିରଫ ପରୱାନା ଜାରି ହୋଇ କାର୍ଯ୍ୟକାରୀ ହୋଇନାହିଁ ସେହି ବ୍ୟକ୍ତିମାନଙ୍କୁ ଆଇନ ନିକଟରେ ସମର୍ପଣ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

### IT Farm ରେ ନିଯୁକ୍ତି

2655 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାରେ କେଉଁ IT Farm କୁ କେତେ ଜାଗା, ଋଣ ଓ ଆନୁସଙ୍ଗୀକ ସୁବିଧା ଯୋଗାଇ ଦିଆଯାଇଛି ପ୍ରକାଶ କରି ସେମାନେ କେତେଜଣ ସ୍ଥାନୀୟ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି?

----

### ଅବସରକାଳୀନ ସମସ୍ତ ସୁବିଧା ପ୍ରଦାନ

2656 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମରତ ଅଧିକାରୀମାନଙ୍କୁ ବଦଳୀ ପରେ ବା ଅବସର ନେବା ପରେ ସେମାନଙ୍କୁ ପ୍ରଦତ୍ତ ସମସ୍ତ ଚିଠିର ନଥିରେ ପେସ କରି କାର୍ଯ୍ୟକରିଥିବା ଓ ତାଙ୍କ ଉପରେ ନ୍ୟସ୍ତ ସମସ୍ତ ନଥି ସେ ଉପଯୁକ୍ତ ସମାଧାନ କରିଥିବା ପ୍ରମାଣ ପତ୍ର ପ୍ରଦାନ ପରେ ତାଙ୍କୁ LPC ଓ ଅବସରକାଳୀନ ପେନସନ ମଂଜୁର ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ (ଖ) ଅଧସ୍ତନ କର୍ମଚାରୀଙ୍କ PAR ବକେୟା ରଖିଥିବା ଅଧିକାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେକି?

----

### ପଂଚାୟତ ପୁନଃଗଠନ

2657 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ବିଧାନସଭାରେ ଅଣତାରକା ପ୍ରଶ୍ନ ନଂ .. 544 ତା. 17.02.2025 ର ପ୍ରଶ୍ନ ଉତ୍ତର ପରିପ୍ରେକ୍ଷୀରେ ପୁରୋହିତପୁର ଏବଂ ଝିଣ୍ଟିଶାସନ, ଏହି ଦୁଇ ପଂଚାୟତକୁ ବାଲିଅନ୍ତା ଥାନା ଅଧିନକୁ ଆଣିବା ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି ?

----

### Biomatric Attendance ବ୍ୟବସ୍ଥା

2658 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୟଦେବ ନିର୍ବାଚନମଣ୍ଡଳୀର ବାଳକାଟି CHC ର X Ray machine ନଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ଭୋଗ କରୁଛନ୍ତି, ସରକାର ବାଳକାଟି CHC ପାଇଁ X Ray machine ର ବ୍ୟବସ୍ଥା କରିବେ କି, ଜୟଦେବ ନିର୍ବାଚନମଣ୍ଡଳୀରେ ଦୁଇଗୋଟି CHC ଓ ଛଅଗୋଟି PHC ରହିଅଛି ଏଠାରେ ବହୁତ ରୋଗୀ ପ୍ରତିଦିନ ଚିକିତ୍ସା ହୁଅନ୍ତି, ଆଗରୁ ଏହି ସ୍ୱାସ୍ଥ୍ୟ ଗୋଷ୍ଠୀରେ Biomatric Attendance ଲାଗିଥିଲା ତାହାଫଳରେ କେଉଁ ଷ୍ଟାଫ ଆସିଲେ ଜଣାପଡୁଥିଲା ବର୍ତ୍ତମାନ ସେଗୁଡିକ ନାହିଁ, ସବୁ ସ୍ୱାସ୍ଥ୍ୟ କେନ୍ଦ୍ରରେ Biomatric Attendance ବ୍ୟବସ୍ଥା କରିବେ କି ?

----

## ଅଲଟ୍ରାସାଉଣ୍ଡ ମେସିନ୍ ବ୍ୟବସ୍ଥା

2659 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୟଦେବ ନିର୍ବାଚନମଣ୍ଡଳୀରେ ଦୁଇଗୋଟି CHC ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁତ ରୋଗୀ ପ୍ରତିଦିନ ଚିକିତ୍ସା ହେଉଛନ୍ତି, ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ମେସିନ୍ ନଥିବାରୁ ରୋଗୀ ଏବଂ ପ୍ରସବ ଥିବାକୁ ମା ମାନେ ବହୁତ ଅସୁବିଧାର ସମ୍ମୁଖୀନ ଭୋଗକରୁଛନ୍ତି,ଏହି ଦୁଇଗୋଟି CHC ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଲଟ୍ରାସାଉଣ୍ଡ ମେସିନ୍ ର ସରକାର ବ୍ୟବସ୍ଥା କରିବେ କି?

----

## ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ Digital X-ray Machine ବ୍ୟବସ୍ଥା

2660 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୟଦେବ ନିର୍ବାଚନ ମଣ୍ଡଳୀର ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯେଉଁ manual X-ray machine ରହିଅଛି ତାହା ପରିବର୍ତ୍ତନ କରି ସରକାର ତାହାକୁ Digital X-ray machine ର ବ୍ୟବସ୍ଥା କରିବେ କି ?

----

## ସ୍ୱଚ୍ଛତା ଓ ସଫେଇ କାର୍ଯ୍ୟ

2661 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ District Headquarter Hospital ସ୍ୱଚ୍ଛତା ଓ ସଫେଇ କାର୍ଯ୍ୟ ଦାୟୀତ୍ୱରେ କେଉଁ କେଉଁ ସଂସ୍ଥାକୁ ନିୟୋଜିତ କରାଯାଇଛି, ତା ସହ କେତେ ବର୍ଷ ପାଇଁ ଏବଂ କେତେ ଆର୍ଥିକ ଅନୁଦାନରେ ଚୁକ୍ତି ହୋଇଛି ଓ କେଉଁ କେଉଁ କାର୍ଯ୍ୟ ପାଇଁ କେଉଁ କେଉଁ ସଂସ୍ଥା ନିୟୋଜିତ ଅଛି ଏବଂ ଉକ୍ତ ସ୍ୱଚ୍ଛତା ଓ ସଫେଇ ବଜେଇ ରଖିବାର ଦାୟୀତ୍ୱ କେଉଁ ଅଧିକାରୀଙ୍କର ଓ ତାହା ଠିକ୍ ଭାବରେ ହେଉଛି ନା ନାହିଁ, ଯଦି ହେଉନାହିଁ ତାହେଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରିବେ ?

----

## ରୋଗୀକୁ ଉଚିତ୍ ବ୍ୟବହାର ପ୍ରଦର୍ଶନ

2662 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପୁରୀ District Headquarter Hospital ରେ ସହାୟକ ଓ ସହାୟିକା ମାନଙ୍କ ସଂଖ୍ୟା ବୃଦ୍ଧି କରିବା ସହ ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କ ପ୍ରତି ଉଚିତ୍ ବ୍ୟବହାର ଏବଂ ଉଚିତ୍ ପରାମର୍ଶ ଦେବା ଦିଗରେ ତାଲିମ ଦେବା ପାଇଁ କିଛି ପଦକ୍ଷେପ ଗ୍ରହଣ କରିବେ କି ?

----

## ହସ୍ପିଟାଲକୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

2663 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପୁରୀ ଶ୍ରୀ ଜଗନ୍ନାଥ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଶେଷ ହେବା ଅନେକ ମାସ ପୁରିଗଲାଣି ଏବଂ ହସ୍ପିଟାଲକୁ ପ୍ରାରମ୍ଭ କରିବା ପାଇଁ ଯାହା ଯାହା ଭିତ୍ତିଭୂମିର ଆବଶ୍ୟକତା ଥିଲା ତାହା ମଧ୍ୟ ପାଖାପାଖି ସମାପ୍ତ ହୋଇଥିବା ସୂଚନା ମିଳୁଛି ଏବଂ ଅତିଶୀଘ୍ର ହସ୍ପିଟାଲଟି କାର୍ଯ୍ୟକାରୀ ହେଲେ ପୁରୀ ସହ ପୁରୀ ଜିଲ୍ଲା ଓ ଆସୁଥିବା ପର୍ଯ୍ୟଟକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦିଗରେ ସରକାରଙ୍କ ଦ୍ୱାରା ଏକ ବଡ ପଦକ୍ଷେପ ହେବ ଏବଂ ଜଗନ୍ନାଥ ହସ୍ପିଟାଲରେ ପାଠ ପଢୁଥିବା ଡାକ୍ତରୀ ଛାତ୍ରଛାତ୍ରୀ ମାନଙ୍କୁ District Headquarter Hospital Building କୁ ଯିବାକୁ ପଡିବ ନାହିଁ, ତେଣୁ ହସ୍ପିଟାଲଟି କେବେସୁଦ୍ଧା କାର୍ଯ୍ୟକ୍ଷମ ହେବ ?

----

## ରୋଗୀ କଲ୍ୟାଣ ବୋର୍ଡ ଗଠନ

2664 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପୁରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ କେତୋଟି ଛୋଟରୁ ବଡ Health Centres ରହିଛି ଏବଂ ଉକ୍ତ Centre ଗୁଡିକ ପାଇଁ "ରୋଗୀ କଲ୍ୟାଣ ସମିତି ବୋର୍ଡ" ଗଠନ କରାଯାଇଛି କି ନାହିଁ ଓ କେଉଁ centre ପାଇଁ କେବେ ଶେଷ ବୋର୍ଡ ଗଠନ କରାଯାଇଥିଲା, ଯେଉଁଠି ବୋର୍ଡ ନାହିଁ ତାହା କେବେସୁଦ୍ଧା ଗଠନ କରାଯିବ ?

----

## କ୍ରାଇମ୍ ରେକର୍ଡ ବ୍ୟୁରୋର କାର୍ଯ୍ୟ

2665 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡିଶା ରାଜ୍ୟ କ୍ରାଇମ ରେକର୍ଡ ବ୍ୟୁରୋ କେବେଠାରୁ ପ୍ରତିଷ୍ଠା କରାଯାଇଛି ଏବଂ ଏହାର କାମ କ'ଣ, ଓ.ଏସ୍.ସି.ଆଇ.ଟି ର ସବିଶେଷ ରିପୋର୍ଟ କେବେ ପ୍ରକାଶ ପାଇଛି ଏବଂ ଏହି ରିପୋର୍ଟର ତଥ୍ୟ ମୁତାବକ ରାଜ୍ୟରେ କେଉଁ କିସମରକେତେ ଅପରାଧ ଘଟୁଛି, କେତେ ଅପରାଧିକ ମାମଲା ଫଏସଲା ହେଉଛି ଏବଂ ସେଥିରୁ କେଉଁ କିସମ ମାମଲାରୁ କେତେରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି ଓ କେତେରେ ଦଣ୍ଡବିଧାନ କରାଯାଇଛି ଓ କେଉଁ କିସମର କେତେ ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଛି ତାହାର ସବିଶେଷ 5 ବର୍ଷର ତଥ୍ୟ ପ୍ରଦାନ କରିବେ କି ?

----

## ମେଡିକାଲ କଲେଜ ସ୍ଥାପନ

2666 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସବୁ ଜିଲ୍ଲାରେ ମେଡିକାଲ କଲେଜ ହସ୍ପିଟାଲ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ଘୋଷଣା ପରିପ୍ରେକ୍ଷୀରେ ଓଡିଶାର କେଉଁ କେଉଁ ଜିଲ୍ଲାରେ ଏବେ ସରକାରୀ ମେଡିକାଲ କଲେଜମାନ ରହିଛି ଏବଂ ଝାରସୁଗୁଡା ସମେତ କେଉଁ ଜିଲ୍ଲା ଗୁଡିକରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି ଓ ଯଦି ଏପରି ପ୍ରସ୍ତାବ ଥାଏ ତେବେ ତାହା କେବେସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ବିଭିନ୍ନ ପଦବୀରେ ନିଯୁକ୍ତି

2667 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାରେ କେତୋଟି ସରକାରୀ ମେଡିକାଲ କଲେଜ, ହୋମିଓପାଥିକ କଲେଜ ଓ ଆୟୁର୍ବେଦିକ କଲେଜ ରହିଛି, ଏଗୁଡିକ ପାଇଁ କେଉଁ ପାହ୍ୟାର କେତେ ସଂଖ୍ୟକ ମଞ୍ଜୁରପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ରହିଛି ଏବଂ ସେଥିରୁ ଏବେ କେତେ ପଦବୀ ଖାଲିପଡିଛି ଓ କେତେ ସଂଖ୍ୟକ ପଦବୀରେ ନିୟମିତ ଡାକ୍ତର ଓ ଅଣଡାକ୍ତର କର୍ମଚାରୀ ରହିଛନ୍ତି, ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏଗୁଡିକରେ ଖାଲି ପଡିଥିବା ପଦବୀ ଗୁଡିକ କେବେସୁଦ୍ଧା ପୂରଣ କରାଯିବ ?

----

## ଋଣ ନୋଟ୍ ପରିମାଣ

2668 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- 2014 ମାର୍ଚ୍ଚ ଶେଷ ସୁଦ୍ଧା ଓଡିଶାର ଋଣବୋଝ କେତେ ଥିଲା ଏବଂ ତାହା 2024 ମାର୍ଚ୍ଚ ସୁଦ୍ଧା କେତେ ହୋଇଥିଲା, ଏବେ ଓଡିଶାର ଋଣ ବୋଝ କେତେ ରହିଛି ଏବଂ ଏହା ହ୍ରାସ କରିବା ପାଇଁ କି ପ୍ରକାର ପଦକ୍ଷେପ ନେଉଛନ୍ତି ?

----

## ପୁରୀ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜରେ ପଦବୀ ପୂରଣ

2669 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପୁରୀ ଶ୍ରୀ ଜଗନ୍ନାଥ କଲେଜ ଓ ଡାକ୍ତରଖାନା ନିର୍ମାଣ ସ୍ଥିତି ଓ ଆବଶ୍ୟକ ପଦବୀ ପୂରଣ କରି କେଉଁ କେଉଁ ବିଭାଗ କେବେସୁଦ୍ଧା କାର୍ଯ୍ୟକ୍ଷମ କରିବେ ?

----

## କାକଟପୁର PHC କୁ CHC ରୁପାନ୍ତରିତ

2670 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କାକଟପୁର PHC କୁ CHC ରୁପାନ୍ତରିତ କରି ଏହାର up-gradation ପାଇଁ କେବେସୁଦ୍ଧା ପଦକ୍ଷେପ ନେବେ ?

----

**Number of cases of Illegal Arm Possession**

2671 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- How many cases of illegal arm possession/smuggling and trading have been registered in the State in last 2 years and no of persons arrested by the police, will the govt. furnish the detail of information district-wise ?

----

**Number of arrest persons**

2672 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- How many persons have been arrested in the state in last 5 year in terror link ?

----

**Timeline for completion of the OPSC recruitment**

2673 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the exact timeline for completion of the OPSC recruitment for 5,248 Medical Officer positions and what corrective measures will be taken if this deadline is not met, is the ministry aware that contractual arrangements without proper job security are leading to higher attrition rates and what permanent measures are being considered to address this and will the govt. commit to a specific date by which Odisha will achieve the WHO recommended doctor to population ratio of 1:1000, what incentive schemes have been introduced or are planned to attract specialist doctors to underserved districts like Puri and other coastal regions ?

----

**Quantum of Cannabis/ganja seized from Puri district**

2674 **Shri Om Prakash Mishra (Satyabadi):**

Will the **Chief Minister** be pleased to state that:- With Odisha being a major cannabis-producing state, and Puri district bordering Kandhamal (a hemp cultivation epicenter), recent seizures include 350 kg worth Rs.35 lakh, liquid ganja for first time and multiple crore-rupee hauls; (a) Quantum of Cannabis/ganja seized from Puri district and specifically from Satyabadi, Kanas blocks in 2024-25, with arrest data and conviction rates; (b) Identification of transit routes and smuggling corridors passing through or near Satyabadi Constituency toward southern and northern states and strengthening of inter-state check posts and coordination with Kandhamal, Ganjam and neighboring district police to intercept drug traffickers ; Involvement of youth from Satyabadi constituency in drug peddling-rehabilitation and de-addiction facilities available locally; Implementation of National Security Act(NSA) against habitual drug smugglers operating in Puri district?

----

**Corrective administrative measure to strengthen the oversight mechanism**

**2675 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- The CAG report(2022) revealed that during 2025-22, the state suffered a revenue loss of Rs.864.45 crore due to inadequate collection of DMF and EMF from contractors using minor without valid transit passes; Further more, in 14 districts, only Rs.21.25 crore was collected against an estimated Rs.399.91 crore; Will the Chief Minister please inform: (1) What corrective administrative measures have been initiated to strengthen the oversight mechanism for minor mineral collection across all 30 districts; (2) How much additional revenue has been recovered from Financial Year 2022-23 onwards through tightened transit pass verification procedures and what is the projected annual revenue recovery potential if compliance rates are brought to 100% and what timeline has been set to achieve this?

----

**High level Committee on Administrative & Governance Reforms**

**2676 Shri Om Prakash Mishra (Satyabadi):**

Will the **Chief Minister** be pleased to state that:- The high level Committee on Administrative & Governance Reforms was constituted in October 2025 under Viksit Odisha Vision 2036 & 2047, headed by former Chief Secretary ; When is the Committee expected to submit its recommendations; What is the timeline

for implementing these reforms; Will there be a structured consultation process with MLAs and public representatives before finalising recommendations that could impact district and block-level governance?

----

## କେନ୍ଦ୍ରୀୟ ଅନୁଦାନ

**2677 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଗତ 5 ବର୍ଷ ମଧ୍ୟରେ କେନ୍ଦ୍ର ସରକାର କେଉଁ ବର୍ଷ କେଉଁ ବିଭାଗକୁ କେତେ ଟଙ୍କା ଅନୁଦାନ ଆକାରେ ପ୍ରଦାନ କରିଛନ୍ତି, ଅନୁଦାନ ପରିମାଣ ପ୍ରତ୍ୟେକ ବର୍ଷ କେତେ ବୃଦ୍ଧି କିମ୍ବା ହ୍ରାସ ହୋଇଛି ?

----

## Mobile Tower କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

**2678 Shri Ramesh Chandra Behera (Daspalla):**

Will the Minister for **Electronics & Information Technology** be pleased to state that:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ 4G saturation Plan ରେ ନିର୍ମାଣ ହୋଇ ସାରିଥିବା ଓ ନିର୍ମାଣାଧିନ BSNL Mobile Tower ଗୁଡିକୁ କେବେ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ?

----

## ଫାଣ୍ଡିସୀମା ନିର୍ଦ୍ଧାରଣ

**2679 Shri Ramesh Chandra Behera (Daspalla):**

Will the **Chief Minister** be pleased to state that:- ନୟାଗଡ ଜିଲ୍ଲାରେ ଥିବା ବିଭିନ୍ନ ଥାନା ଓ ଫାଣ୍ଡିର ଭୌଗଳିକ ସ୍ଥିତିକୁ ଦୃଷ୍ଟିରେ ରଖି ସୀମା ନିର୍ଦ୍ଧାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## Outsourcing ନିଯୁକ୍ତି

**2680 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଏଲ.ଏଣ୍ଡ.କେ ସର୍ଭିସେସ୍, outsourcing ସଂସ୍ଥା, ଦ୍ୱାରା, ସରକାରୀ ଓ ସରକାର ନିୟନ୍ତ୍ରିତ ସଂସ୍ଥାରେ ନିୟୋଜିତ ବ୍ୟକ୍ତିଙ୍କ ନାମ, ପଦବୀ, work responsibility, work timeing, ୱାରୀ ତଥ୍ୟ ସହ ବିଶେଷ କରି ପ୍ରାପ୍ୟ, ଇପିଏଫ, ଇ.ଏସ.ଆଇ.ସି ନମ୍ବରର May -October, 2025 ର ବିବରଣୀ ପ୍ରଦାନ କରିବେକି; ମାସ ମାସ ଧରି ନ ଦେବାର ଓ ଅନେକ ସ୍ଥାନରେ ଭୂତ କର୍ମଚାରୀ ମାନଙ୍କୁ ନିୟୋଜିତ କରି ସରକାରଙ୍କ ରାଜକୋଶରୁ ଲୁଟିବା ସହ ଲୋକଙ୍କୁ ଠକୁଥିବାର ସରକାର ଅବଗତ ଅଛନ୍ତି କି, ଯଦି ଉତ୍ତର ହଁ, ତେବେ କାର୍ଯ୍ୟାଳୟ ମୁଖ୍ୟ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Cyber crime cases

2681 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Is it true that the govt has not been successful in addressing and protecting citizens from cyber crime; the lack of experience and expertise in Department is seen in rampant; is it Cyber crime cell people don't show much interest in taking cases and in response they blame the victim and its accompanied person, will the govt. provide the cases received and resolved in Koraput and Malkangiri Dist. ?

----

## Hike in Medical Education fees

2682 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- is it true that there was a notice of Hike in the Medical Education fee after students locked their selection of colleges; what was the remedial action taken in the matter and what is the legal aspect to such notice, will the minister take the call ?

----

## ଗୋରୁ ଚାଲାଣ

2683 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବିଷମ କଟକ ନିର୍ବାଚନ ମଣ୍ଡଳୀରେ ବିଗତ ୧୦ ବର୍ଷ ମଧ୍ୟରେ କେତେ, କେବେ, କେଉଁଠାରେ ଗୋରୁ ଚୋରା ଚାଲାଣର ମାମଲା ରୁଜୁ କରାଯାଇଛି, କେତେ ଗୋରୁ ଜବତ କରାଯାଇଛି, କେତେ ଗାଡି ଜବତ କରାଯାଇଛି ହେବାର କେତେ ଘଟଣା ହୋଇଛି, କେତେ ଜଣଙ୍କ ବିଦ୍ଧିବଦ୍ଧ ଚାଲାଣ ପାଇଁ ଲାଇସେନ୍ସ ଅଛି ?

----

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

2684 **Shri Nilamadhab Hikaka (Bissam-cuttack):**

Will the **Chief Minister** be pleased to state that:- ରାୟଗଡା ଜିଲ୍ଲାର ବିଭିନ୍ନ ଜିଲ୍ଲାପାଳ ବିଗତ ୦୩ ବର୍ଷ ମଧ୍ୟରେ ବିଭିନ୍ନ ସ୍ଥାନରେ କରିଥିବା ଅଭିଯୋଗ ଶୁଣାଣିରେ ମୋଟ କେତୋଟି ଅଭିଯୋଗ ଗ୍ରହଣ କରିଛନ୍ତି, କେତେ ସାମୁହିକ, କେତେ ବ୍ୟକ୍ତିଗତ, କେଉଁ ବ୍ଳକରୁ କେତେ ଅଭିଯୋଗ ଗ୍ରହଣ କରିଛନ୍ତି, କେତେ ବ୍ୟକ୍ତିଗତ ଓ କେତେ ସାମୁହିକ ଅଭିଯୋଗର ସମାଧାନ କରିଛନ୍ତି, ଅଭିଯୋଗ ଆଧାରରେ ସମାଧାନ ହାର କେତେ, କେଉଁ ଜିଲ୍ଲାପାଳ କେତେ ସମସ୍ୟାର ସମାଧାନ କରିଛନ୍ତି ?

----

## ସ୍ୱାସ୍ଥ୍ୟ କେନ୍ଦ୍ରର ନବୀକରଣ

2685 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- - ସ୍ୱାସ୍ଥ୍ୟସେବା ଭିତ୍ତିଭୂମି, ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) ର ନବୀକରଣ କିମ୍ବା ପ୍ରତିଷ୍ଠା ପାଇଁ, ବିଷମକଟକ ନିର୍ବାଚନ ମଣ୍ଡଳୀଟି ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ ବିଶେଷଜ୍ଞ ଡାକ୍ତର ମାନଙ୍କୁ ନିୟୋଜିତ କରିବା ଦିଗରେ, ସ୍ୱାସ୍ଥ୍ୟ ବିଭାଗ ରେ କାର୍ଯ୍ୟରତ କର୍ମଚାରୀଙ୍କ ଅଭାବ, ଦୂର କରିବା ପାଇଁ ଠିକା କର୍ମଚାରୀ ତଥା ଆଉଟସୋରସିଙ୍ଗ କର୍ମଚାରୀଙ୍କ ପ୍ରତି ଦୃଷ୍ଟି ଦେବା ପାଇଁ ବଚାର କରିବେ କି, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସ୍କ୍ରବ ଟାଇଫସ ଓ ଅନ୍ୟାନ୍ୟ ସଂକ୍ରାମକ ରୋଗର ପରୀକ୍ଷା ଓ ଚିକିତ୍ସା ନିମନ୍ତେ ଠୋସ ପଦକ୍ଷେପ ନିଆଯିବା ଦିଗରେ, ଦୁର୍ଗମ ଅଞ୍ଚଳରେ ଆମ୍ବୁଲାନ୍ସ ସେବା ଓ ଜନନୀ ସୁରକ୍ଷା ଦିଗରେ ପ୍ରତି ସବ ସେଣ୍ଟର ଗୁଡିକରେ ପର୍ଯ୍ୟାପ୍ତ ଆମ୍ବୁଲାନ୍ସ ସେବା ଉପଲବ୍ଧ କରିବା ଦିଗରେ ସରକାରଙ୍କ କଣ ଚିନ୍ତନ ରହିଛି ?

----

## ସେପ୍ଟେମ୍ବର ମାସ ସୁଦ୍ଧା ବିଭାଗୀୟ ଖର୍ଚ୍ଚ ପରିମାଣ

2686 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେଉଁ କେଉଁ ବିଭାଗ ଗୁଡିକରେ ବଜେଟ୍ ବ୍ୟୟରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ ଦେଖିବାକୁ ମିଳିଛି, ସେପ୍ଟେମ୍ବର ମାସ ସୁଦ୍ଧା କେଉଁ କେଉଁ ବିଭାଗ ବଜେଟର କେତେ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ସକ୍ଷମ ହୋଇଛନ୍ତି ତାର ହିସାବ ଦେବେକି, ସେପ୍ଟେମ୍ବର ମାସ ସୁଦ୍ଧା ସମସ୍ତ ବିଭାଗ ମିଶି ବଜେଟକୁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ଏତଦବ୍ୟତିତ ସରକାରଙ୍କ ବିଭିନ୍ନ ବିଭାଗର କେତେ କେତେ ଟଙ୍କା କେଉଁ କେଉଁ ବ୍ୟାଙ୍କରେ deposit ଅଛି?

----

## Ayurvedic Doctor ନିଯୁକ୍ତି

2687 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ହୋମିଓପ୍ୟାଥିକ ଓ Ayurvedic ଚିକିତ୍ସା ସୁବିଧା ଓ ବ୍ୟବସ୍ଥା ବହୁଳ ମାତ୍ରାରେ କରିବା ପାଇଁ ଓ ଗ୍ରାମାଞ୍ଚଳରେ ହୋମିଓପ୍ୟାଥିକ ଓ Ayurvedic Doctor ନିଯୁକ୍ତି ଦେବା ପାଇଁ ବିଶେଷ ପଦକ୍ଷେପ ନେବେକି, ରାଜ୍ୟରେ ବିଭିନ୍ନ ହୋମିଓପ୍ୟାଥିକ କଲେଜରେ ଛାତ୍ରଛାତ୍ରୀଙ୍କ ପାଠ ପଢିବା ପାଇଁ Doctor ଘୋର ଅଭାବ ଥିବାରୁ ଏବଂ ସମାନ ଅସୁବିଧା ଓ ସମସ୍ୟା Ayurvedic ମେଡିକାଲ କଲେଜମାନଙ୍କରେ ଥିବାରୁ ସରକାର ଓ ସମସ୍ତ ସମସ୍ୟା ଦୂର କରିବା ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବେକି, ପାଠପଢାମାନ ନିଯୁକ୍ତି ପାଇନଥିବା ସମସ୍ତ ହୋମିଓପ୍ୟାଥିକ ଓ Ayurvedic Doctor ମାନଙ୍କୁ ନିଯୁକ୍ତି ଦେବାକୁ ପଦକ୍ଷେପ ନେବେକି?

----

## Ambulance ସେବା ବିବରଣୀ

2688 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚାଲିଥିବା 108 ଆମ୍ବୁଲାନ୍ସଗୁଡିକ ଲୋକମାନଙ୍କୁ ସଠିକ୍ ସେବା ସଠିକ୍ ସମୟରେ ଦେଉଛି କି, 108 Ambulance ରେ ଲାଗିଥିବା ସମସ୍ତ medical equipment ଗୁଡିକ ସଠିକ୍ ଭାବେ କାର୍ଯ୍ୟ କରୁଛି କି, Ambulance ସମସ୍ତ ବିଷୟରେ ଠିକ୍ ଭାବେ କେଉଁମାନେ inspection କରିଥାନ୍ତି ଓ କେତେ ଦିନ ବ୍ୟବଧାନରେ inspection ହୋଇଥାଏ?

----

## Outsourcing ନିଯୁକ୍ତି

2689 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ କେଉଁ ସରକାରୀ ଓ ସରକାରୀ Undertaking ସଂସ୍ଥାରେ Outsourcing Man Power Agency କାର୍ଯ୍ୟ କରୁଛନ୍ତି, ଏସବୁର Agency details ସହ କେତେଜଣ କେଉଁ ବିଭାଗ ଜରିଆରେ categorywise ତଥ୍ୟ ପ୍ରଦାନ କରିବେକି?

----

## ଋଣ ପ୍ରଦାନ ସଂପର୍କରେ

2690 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ କେତୋଟି କେଉଁ କିସମର ବ୍ୟାଙ୍କ ଆର୍ଥିକ କାରବାର କରୁଛନ୍ତି, ଗତ 5 ବର୍ଷ ମଧ୍ୟରେ ଉକ୍ତ ବ୍ୟାଙ୍କ ସବୁ ରାଜ୍ୟରୁ କେତେ ପରିମାଣର ଜମା ସଂଗ୍ରହ କରିଛନ୍ତି ଏବଂ କେଉଁ କ୍ଷେତ୍ରକୁ କେତେ ପରିମାଣର ଋଣ ପ୍ରଦାନ କରିଛନ୍ତି, ତାହାର ଏକ ବର୍ଷୱାରୀ ଓ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେକି, ଏବଂ 5 ବର୍ଷ ମଧ୍ୟରେ କେଉଁ ବ୍ୟାଙ୍କ କୃଷି କ୍ଷେତ୍ରକୁ କେଉଁ ଜିଲ୍ଲାରେ କେତେ ପରିମାଣ ର ଋଣ ଯୋଗାଇ ଦେଇଛନ୍ତି ?

----

## ନର୍ସିଂ କଲେଜ ଖୋଲିବା ପାଇଁ ପଦକ୍ଷେପ

2691 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ କେତୋଟି ନର୍ସିଂ କଲେଜ ଅଛି ଓ ତାହାର ସିଟ୍ ସଂଖ୍ୟା କେତେ, ଏଥିରୁ ସରକାରୀ ଓ ବେସରକାରୀ କଲେଜ ପୃଥକଭାବେ ତଥ୍ୟ ପ୍ରଦାନ କରିବେକି, ପ୍ରତ୍ୟେକ ବର୍ଷ କେତେ ସଂଖ୍ୟକ ପିଲା addimision କରୁଛନ୍ତି, କେତେ ପିଲାଙ୍କୁ ନିଯୁକ୍ତି ମିଳୁଛି, 2024 2025, 2025 2026 ଆର୍ଥିକ ବର୍ଷରେ କେତେ ନର୍ସିଂ କଲେଜ ଖୋଲିବା ପାଇଁ ଆବେଦନ କରିଛନ୍ତି ତନ୍ମଧ୍ୟରୁ କେଉଁ ସ୍ଥାନରେ କେତୋଟି କଲେଜକୁ ଅନୁମତି ଦେଇଛନ୍ତି?

----

### Number of Child physically assaulted

2692 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- How many child have been physically assaulted from June, 2024 to till date and also the Juvenele been arrested being involved in different crime, will the Govt. furnish the details?

----

### Funds received towards Assistance

2693 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- What amounts of the funds received by the State Govt. towards Assistance, loan, State share from the Central Govt in last 3 years; Will the Govt furnish the details of information year wise and component wise ?

----

### Number of cases of Tax dispute

2694 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- How many cases of Tax dispute so far the tax claim by the State Govt are pending on different court, commission and Tribunal are still pending and for which how much amounts have remained non realisation from different organisation, Corporate/ Individual ; Will the Govt. furnish the details of informations regarding uncollected Tax ?

----

## ହୋମିଓପ୍ୟାଥି ଡ଼ାକ୍ତର ନିଯୁକ୍ତି

2695 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲା ଅଧୀନରେ ହୋମିଓପାଥି ଡାକ୍ତରଙ୍କ ନିଯୁକ୍ତି ପାଇଁ କଣ ସୁବିଧା ରହିଅଛି ; ଏହି ନିଯୁକ୍ତି କେଉଁ ପ୍ରକ୍ରିୟାରେ ହୋଇଥାଏ ; ଏଯାବତ୍ କେତୋଟି ହୋମିଓପାଥି ଡାକ୍ତର କେଉଁ କେଉଁ ସ୍ଥାନରେ କେଉଁ ମସିହାରେ ନିଯୁକ୍ତି ହୋଇଛନ୍ତି ; (ଖ) ବର୍ତମାନ ହୋମିଓପାଥି ଡାକ୍ତରଙ୍କ ନିଯୁକ୍ତି ପାଇଁ କୌଣସି ସ୍ଥାନ ଖାଲି ଅଛି କି ; ଯଦି ନାହିଁ ନୂତନ ନିଯୁକ୍ତିର ସୁଯୋଗ କେବେ ବାହାରିବ ?

----

## Ultrasound ସୁବିଧା ଉପଲବ୍ଧ ପାଇଁ ପଦକ୍ଷେପ

2696 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ମେଡିକାଲ କଲେଜ ସ୍ଥାନାନ୍ତର ପରେ ମୁଖ୍ୟ ଚିକିତ୍ସାଳୟରେ IPD ଏବଂ OPD ରେ Patinet foot fall ସଂଖ୍ୟା କମିଛି ନା ବଢିଛି ; ମାସ ଏବଂ ବିଭାଗ ୱାରି ଏକ ତଥ୍ୟ ପ୍ରଦାନ କରିବେ କି ; OPD ରୋଗୀଙ୍କୁ ମାନଙ୍କୁ ମାସ ମାସ ପରେ Ultrasound ପାଇଁ ସମୟ ଦେବାର କାରଣ କଣ ; ରୋଗୀଙ୍କ ସଂଖ୍ୟାକୁ ଦେଖି ବିଭାଗ ପକ୍ଷରୁ ଆଉ ଏକ ultrasound ଉପଲବ୍ଧ କରିବା ପାଇଁ ସରକାର ନିଷ୍ପତ୍ତି ନେବେ କି ?

----

## Mobile Tower ସ୍ଥାପନ

2697 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବେଗୁନିଆ ନିର୍ବାଚନ ମଣ୍ଡଳୀର କେଉଁ କେଉଁ ଗ୍ରାମରେ କେତେ କ୍ଷମତା ବିଶିଷ୍ଟ ସରକାରୀ ଓ ବେସରକାରୀ ଯେଲିଫୋନ / ମୋବାଇନ ଟାୱାର ସ୍ଥାପନ କରାଯାଇଛି ଏବଂ ସେଗୁଡ଼ିକ କେତେ କି.ମି. ପରିଧି ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେଉଛି, (ଖ) ମୋବାଇଲ ଫୋନ ଓ ଇଣ୍ଟରନେଟ ସେବାରୁ ବଞ୍ଚିତ କେଉଁ କେଉଁ ଗ୍ରାମରେ ମୋବାଇଲସେବା ଯୋଗାଇ ଦେବାକୁ ସରକାର ବର୍ତ୍ତମାନ ସୁଧା କଣ ପଦକ୍ଷେପ ଗ୍ରହଣ କରିଛନ୍ତି , ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ; ନୂତନ BSNL ଟାୱାର ବେଗୁନିଆ ଓ ବୋଲଗଡ଼ ବ୍ଲକରେ ପ୍ରତିଷ୍ଠା କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Altrasound ବ୍ୟବସ୍ଥା ପାଇଁ ପଦକ୍ଷେପ

2698 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀର ବେଗୁନିଆ ବ୍ଲକ ଅଧିନରେ ଥିବା ବୋତଲଗା CHC କୁ ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସନ୍ତି ମାତ୍ର ସେଠାରେ Ultrasound, MRI ଓ CT Scan ଆଦି ପରୀକ୍ଷାର ସୁବିଧା ନ ଥିବାରୁ ରୋଗୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଏହି PHC ଗ୍ରାମାଞ୍ଚଳରେ ଅବସ୍ଥିତି ଥିବାରୁ ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି ତେଣୁ ସେଠାରେ ପରୀକ୍ଷାପାଇଁ ସୁବ୍ୟବସ୍ଥା କରିବେ କି ?

----

## Sub-divisional Hospital ସ୍ଥାପନ

2699 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେତନଟୀ CHC Sub - Divisional Hospital କରିବା ପାଇଁ ଦୀର୍ଘ ଦିନରୁ ଦାବୀ ହୋଇ ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ୟ ଘୋଷଣା ନ ହେବାର କାରଣ କଣ ; ସମସ୍ତ ପ୍ରକାର ଭିତ୍ତିଭୂମି ଚିହ୍ନଟ ହେବା ସତ୍ତ୍ୱେ, ସମସ୍ତ ପ୍ରକାର Criteria ପୂର୍ଣ୍ଣ କରୁଥିଲେ ମଧ୍ୟ Trauma Center ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହୋଇ ପାରିବାର କାରଣ କଣ, ତେଣୁ ବେତନଟୀ CHC କୁ କେବେ ସୁଦ୍ଧା Trauma Center କାର୍ଯ୍ୟକାରୀ କରିବେ ଓ Sub - Divisional Hospital ର ମାନ୍ୟତା ମିଳିବ ?

----

## CHC ମାନ୍ୟତା ପ୍ରଦାନ

2700 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୈସିଙ୍ଗା PHC ଆଜକୁ ୧୦୦ ବର୍ଷ ହେବା ସତ୍ତ୍ୱେ ଏକ ୨୦ ହଜାର ଜନସଂଖ୍ୟା ବିଶିଷ୍ଟ ଏରିଆ ଓ NH18 ପାର୍ଶ୍ୱରେ ଅବସ୍ଥିତ ଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ରୋଗୀ ଆସିଛନ୍ତି, ଦୀର୍ଘଦିନରୁ CHC ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ CHC ବୈଶିଙ୍ଗା ଡ଼ାକ୍ତରଖାନାକୁ ମାନ୍ୟତା ନଦେବାର କାରଣ କଣ; କେତେ ସୁଦ୍ଧା ଲୋକମାନଙ୍କର ବୃହତ୍ତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୈସିଙ୍ଗାକୁ CHCର ମାନ୍ୟତା ଦେବେ ?

----

## ଜନ ପ୍ରତିନିଧିଙ୍କ ସମ୍ମାନ

2701 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଥାନା ପ୍ରଭାରୀ ତଥା ଉପରିସ୍ଥ officer ମାନଙ୍କର ବେଳେବେଳେ ଆଚରଣ ଉଚ୍ଚାରଣରେ ଲୋକମାନେ କିମ୍ଵା ଲୋକ ପ୍ରତିନିଧିମାନଙ୍କ ସହିତ ସୁସମ୍ପର୍କ ରଖିବା ସମ୍ବନ୍ଧରେ ଉଚ୍ଚସ୍ତରିୟ ନିର୍ଦ୍ଦେଷ ପାଇବା ସତ୍ତ୍ୱେମଧ୍ୟ ଲୋକପ୍ରତିନିଥ ମାନଙ୍କୁ ସମ୍ମାନ ନଦେବା ନଜିର ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡଠାରେ ଦେଖିବାକୁ ମିଳିଛି; ଏହା ଉପରେ ସରକାର ଦୃଷ୍ଟି ଦେବେ କି ?

----

## ହଷ୍ଟେଲ ପରିଦର୍ଶନ

2702 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡ଼ିଶା ପ୍ରଦେଶରେ ଆଦିବାସୀ ଛାତ୍ରୀ ନିବାସ (Girls hostel) Police Department ଦ୍ୱାରା hostel ପରିସରରେ ମୁତୟନ ରହିବାର କିଛି ବ୍ୟବସ୍ଥା ଅଛି କି କିମ୍ଵା ଥାନା ପ୍ରଭାରୀଙ୍କ ଦ୍ୱାରା ଦିନକୁ କେତେ ଥର ପରିଦର୍ଶନ କରିବାର ବ୍ୟବସ୍ଥା ଅଛି ?

----

## ବାସଗୃହ ମରାମତି

2703 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତକୋକସରା ଓ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କୋଠାବାଡ଼ି ଓ କର୍ମଚାରୀଙ୍କ ବାସଗୃହ ଜରାଜୀର୍ଣ ଅବସ୍ଥାରେ ରହିଥିବା ଖବର ରାଜ୍ୟ ସରକାରଙ୍କ ନିକଟରେ ରହିଛି କି; ଏଥିପାଇଁ ରୋଗୀ ସେବା ବ୍ୟାହତ ହେଉଥିବା ଓ ଡାକ୍ତରଖାନା କର୍ମଚାରୀ ରହିବା ଅନୁପଯୋଗୀ ହୋଇପଡିଥିବା ଯୋଗୁଁ ଏ ସବୁ ଜରାଜୀର୍ଣ କୋଠାବାଡି ଓ ବାସଗୃହ ନିର୍ମାଣ ପାଇଁ; ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବେ କି; ଯଦି ଉତ୍ତର ହଁ ହୁଏ ତେବେ ଏ ଦିଗରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ଓ ଏବେ ଏହା କେବେ କାର୍ଯ୍ୟକାରୀ ହେବ ?

----

## ଓଡ଼ିଶା ପାର୍ମାସି କାଉନସିଲ ଗଠନ

2704 **Shri Sudhir Ranjan Pattjoshi (Dharmgarh):**

Will the Minister for **Health and Family Welfare** be pleased to state that:- ଓଡ଼ିଶା ଫାର୍ମାସି କାଉନସିଲ ଗଠନର ବିଳମ୍ବର କାରଣ କଣ, କାଉନସିଲ ଶେଷଥର ପାଇଁ କେବେ ଗଠନ ହୋଇଥିଲା; ଦୀର୍ଘ ଦିନ ଧରି କାଉନସିଲ ପୁନର୍ଗଠନ ହୋଇ ନଥିବାର କାରଣ କଣ ଓ ଏହା କେବେ କରାଯିବ ଏବଂ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି; ଏହି କାଉନସିଲ ଅଧିନରେ କେତେ ଫାର୍ମାସିଷ୍ଟ ବର୍ତ୍ତମାନ ସୁଦ୍ଧା କାଉନସିଲରେ ନାମ ପଞ୍ଜୀକରଣ କରାଇଛନ୍ତି ତାହାର ଜିଲ୍ଲାୱାରୀ ବିବରଣୀ ଦେବେ କି, ଓଡ଼ିଶା ରାଜ୍ୟରେ ପାର୍ମାସିର ବୃଦ୍ଧି ଓ ଅଭ୍ୟାସକୁ ନିୟନ୍ତ୍ରଣ କରିବା ଓ ଫାର୍ମାସୀଷ୍ଟ ମାନଙ୍କ ସମସ୍ୟାର ସମାଧାନ ପାଇଁ କାଉନସିଲ ବିଗତ ତିନି ବର୍ଷରେ କି କି ପଦକ୍ଷେପ ନେଇଛନ୍ତି ?

----

## ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

2705 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆୟୁଷ ନିର୍ଦ୍ଦେଶାଳୟ ଓଡ଼ିଶା, ଭୁବନେଶ୍ୱରରେ ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଭିଜିଲାନ୍ସ କେସ ଥାଇମଧ୍ୟ ତାଙ୍କୁ ପଦୋନ୍ନତି ମିଳିବା ଓ ସେଭଳି ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦେଶକ ସମସ୍ତ କାର୍ଯ୍ୟ ସମାପନ କରାଇବା ଓ ତାଙ୍କ ଦ୍ୱାରା ଆୟୁଷ ସହାୟକ ମାନଙ୍କ ccr ପ୍ରସ୍ତୁତ କରାଇ ପଦୋନ୍ନତି ଦେବା ସାଧାରଣରେ ଆଲୋଚନା ହୁଏ ଏହା ସତ୍ୟକି; ଯଦି ହଁ ତେବେ ସେଭଳି ଅଧିକାରୀଙ୍କୁ ଚିହ୍ନଟ କରାଯାଇ ତାଙ୍କ ବିରୁଦ୍ଧରେ କିକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଅଛି, ଯଦି ନାଁ ତେବେ ସେଭଳି ଅଧିକାରୀଙ୍କୁ ଚିହ୍ନଟ କରାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କି?

----

## କୋଟି କୋଟି ଟଙ୍କା ଅପବ୍ୟୟ

**2706 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରୌରକେଲା ସରକାରୀ ହାସ୍ପିଟାଲ୍ (RGH) ରେ ୨୦୧୯-୨୦୨୪ ମଧ୍ୟରେ outsourcing agency ଓ ହସ୍ପିଟାଲ୍ ମେନେଜର ମାଧ୍ୟମରେ ହୋଇଥିବା କୋଟି କୋଟି ଟଙ୍କାର ଅର୍ଥ ଅପବ୍ୟୟ ଓ ଦୁର୍ନୀତି ଅଭିଯୋଗ ଉପରେ ସରକାର କଣ କାର୍ଯ୍ୟବାହୀ କରିଛି; H & FW ବିଭାଗର ଅଡିଟ୍ ରିପୋର୍ଟ (ତା. 15.10.2024) ଅନୁଯାୟୀ, ୨୦୧୯ ରୁ ୨୦୨୪ ମଧ୍ୟରେ RGH ରେ housekeeping ଓ ଅନ୍ୟ ସେବା ପାଇଁ Out sourcing agency ଏକାକୀ ପ୍ରାୟ 5.୨3 କୋଟି ପ୍ରଦାନ ପାଇଛି ଓ ମୋଟ ଆଉଟ୍‌ସୋର୍ସିଂ ପେମେଣ୍ଟ ପ୍ରାୟ 15 କୋଟି ରୁପାୟେ ଅଙ୍କିତ ହୋଇଛି; ଏହି ମୋଟ ରାଶିର କେତେ ଅଂଶକୁ ବିଭାଗ ଅସୁଯୋଗ୍ୟ/ସନ୍ଦେହାସ୍ପଦ ବୋଲି ଚିହ୍ନଟ କରିଛି, ତାହାର ବିବରଣୀ ଦେବେ କି; ୨୦୨୪ ଜୁଲାଇରେ ମାଧ୍ୟମ ରିପୋର୍ଟ ଅନୁଯାୟୀ, RGH ହସ୍ପିଟାଲ୍ ମେନେଜର୍ ଟଙ୍କା ଲକ୍ଷାଧିକ ଅର୍ଥ ଟଙ୍କା ଆତ୍ମସାତ ଓ ମର୍ଚ୍ଚୁଆରୀରୁ high-value body storage freezer ଚୋରି ମାମଲାରେ ଅଭିଯୁକ୍ତ; ଏହି ମେନେଜର୍ ବିରୋଧରେ departmental proceeding, ବରଖାସ୍ତନ, ଦଣ୍ଡନୀୟ ମାମଲାର ଅବସ୍ଥା ଓ ତଦନ୍ତ ଅଧିକାରୀଙ୍କ ନାମ ତାଲିକା ଦେବେ କି; ୨୦୨୫ ଜୁନରେ ପ୍ରକାଶିତ ଅନ୍ୟ ଅଡିଟ୍ ରିପୋର୍ଟ ଅନୁଯାୟୀ, ଲଣ୍ଡ୍ରି, ସାନିଟେଶନ୍, ସିକ୍ୟୁରିଟି ଇତ୍ୟାଦି ଠିକା କାର୍ଯ୍ୟ, ସମ୍ପର୍କିତ ନକଲି ବିଲ୍ ଓ ଫୁଲାଯାଇଥିବା ମାଷ୍ଟର୍ ରୋଲ୍ ମାଧ୍ୟମରେ ପ୍ରାୟ 25 କୋଟି ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି କି, ଏହା ଉପରେ Vigilance/Crime Branch କିମ୍ବା ବିଶେଷ ତଦନ୍ତ ସଂସ୍ଥାକୁ ଅଭିଯୋଗ ରେଫର୍ କରାଯାଇଛି କି ?

----

### Return of Chit-fund Deposits

**2707 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- In the Chit-Fund Scam Case, Which Politicians And Prominent individuals Were Summoned By The CBI; How Many Of Them Are Currently On Bail And Under How Many Charges; How Many Are Absconding And How Many Have Been Acquitted; A Detailed List May Be Provided, Along With The Facts And Findings Of The Committee Formed To Facilitate The Return Of Chit-Fund Deposits?

----

### Address the Challenges faced by Disable Persons

**2708 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Since Fingerprint Authentication Is Not Possible For Many Persons With Disabilities, Is The Government Aware That They Are Unable To Obtain New Aadhaar Cards Or Update Existing Aadhaar Details In The State, A Large Number Of Severely Disabled Individuals (80-90%) Are Unable To Commute To Enrolment Centres And Therefore Cannot Complete The Aadhaar Process, what Steps

Is The Government Considering To Address This Issue?

----

## ICU କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

2709 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡରେ ଥିବା Govt. Medical College & Hospital (GMCH) ର ICU ରେ କାର୍ଯ୍ୟ କରୁଥିବା ବିଶେଷଜ୍ଞ ସହଯୋଗୀ କର୍ମଚାରୀ (Expert Supporting Staff) ମାନଙ୍କର ଅଭାବ ଏବଂ ଉକ୍ତ ICU ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ ନଥିବା କଥା ସରକାର ଜାଣନ୍ତି କି, ଯଦି ହଁ, ତେବେ ଉକ୍ତ ICU କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ତ୍ୱରିତ ପଦକ୍ଷେପ ନେବେ କି, ଏଥିସହ ଉକ୍ତ Hospital ରେ ଥିବା Cardiology ବିଭାଗର OPD ର ଆଦୌ ସୁବିଧା ନଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଯଦି ହଁ, ତେବେ ଉକ୍ତ ବିଭାଗର OPD କୁ ସରକାର କେବେଠାରୁ କାର୍ଯ୍ୟକ୍ଷମ କରାଇ ଜନସାଧାରଣଙ୍କ ଆବଶ୍ୟକତାକୁ ପୂରଣ କରିବେ କି ?

----

## Trauma Care Centre ସ୍ଥାପନ

2710 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଧାନ ଅଣତାରକା ପ୍ରଶ୍ନ ସଂଖ୍ୟା.3510, ତାରିଖ 02.09.1024 ର ଉତ୍ତର ଅନୁଯାୟୀ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଙ୍ଗିରିପୋଷିରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ Trauma Care Centre କରିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଅଦ୍ୟାବଧି ସେଠାରେ ଆବଶ୍ୟକ ଭିତ୍ତିଭୂମି ଓ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି ତତ୍ ସମ୍ବନ୍ଧୀୟ ସବିଶେଷ ତଥ୍ୟ ପ୍ରଦାନ କରିବା ସହ, ଉକ୍ତ ଗୋଷ୍ଠୀ Trauma Care Centre କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ENT ଡାକ୍ତର

2711 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଣ୍ଟାବାଞ୍ଜି, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଅସ୍ଥିଶଲ୍ୟ ଏବଂ ENT ଡାକ୍ତର ନଥିବାରୁ ଅଂଚଳର ଅସ୍ଥି ଓ ENT ସମ୍ବନ୍ଧୀୟ ଗରିବ ଶ୍ରେଣୀ ର ରୋଗୀ ମାନେ ଏହି ଅଂଚଳରୁ ୮୦ ରୁ ୧୦୦ କି.ମି ଦୁରତାରେ ଥିବା ଜିଲ୍ଲା/ଉପଖଣ୍ଡ ଚିକିତ୍ସାଳୟ କୁ ଯିବାକୁ ଅନେକ ଅସୁବିଧା ର ସମ୍ମୁଖୀନ ହେବା ସହ ଅଯଥା ଖର୍ଚ୍ଚାନ୍ତ ମଧ୍ୟ ହେଉଥିବାର ସରକାର ଅବଗତ ଅଛନ୍ତି କି, (ଖ) ଯେହେତୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ର ବର୍ତ୍ତମାନ ଜନସଂଖ୍ୟା ପ୍ରାୟ ପାଂଚ ଲକ୍ଷ ରୁ ଉର୍ଦ୍ଧ୍ୱ ଅଟେ ଏବଂ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ ର ମଧ୍ୟଭାଗରେ ଥିବା ସହ ଗମନାଗମନ ର ସୁବିଧା ହେତୁ ଏହି ଅଂଚଳର ରୋଗୀ ମାନଙ୍କୁ ସହଜ ସାସ୍ଥ୍ୟ ସେବା ଯୋଗେଇ ଦେବାପାଇଁ କଣ୍ଟାବାଞ୍ଜି CHC ରେ ଅସ୍ଥିଶଲ୍ୟ ଏବଂ ENT ଡାକ୍ତର ପଦବୀ ସୃଷ୍ଟି କରିବାସହ ନିଯୁକ୍ତି ଦେବାପାଇଁ ସରକାର ଉଚିତ ପଦକ୍ଷେପ ଗ୍ରହଣ କରିବେ କି ?

----

## ଅସାମାଜିକ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

2712 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- - ଫେସବୁକ, ଇଷ୍ଟାଗ୍ରାମ, ୟୁଟ୍ୟୁବ୍,ଏକସ୍ ପରି ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଗୁଡିକରେ ଅନେକ ସମୟରେ ଲୋକଙ୍କ ପୋଷ୍ଟକୁ ନେଇ ଅନେକ ଅସମାଜିକ ବ୍ୟକ୍ତି ଅଭଦ୍ର/ଅଶାଳୀନ ଭାଷା ପ୍ରୟୋଗ କରି ସମ୍ମାନହାନୀ ଜନକ ଘୃଣିତ ଟିପ୍ପଣୀମାନ ପୋଷ୍ଟ କରୁଥିବାର ଦେଖିବାକୁ ମିଳୁଛି, ତାହା ସରକାରଙ୍କ ଦୃଷ୍ଟିରେ ଅଛି କି, ଏପରି ଅସାମାଜିକ ବ୍ୟକ୍ତି ଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର କଣ ପଦକ୍ଷେପମାନ ଗ୍ରହଣ କରିଛନ୍ତି ?

----

## Number of IT Company

2713 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many had been established in the State till the June-2024 and no of employment generated from the IT sector, (b) how many new IT company have been established or signed MOU to establish in the State from June-2024 to till the date, will the Govt. furnish the expected investment and employment opportunity ?

----

## ନୂତନ ଡାକ୍ତର ନିଯୁକ୍ତି ପାଇଁ ପଦକ୍ଷେପ

2714 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ଜନସଂଖ୍ୟା ଅନୁସାରେ କେତେ ଡାକ୍ତର ରହିବା ଆବଶ୍ୟକ ଓ ବର୍ତ୍ତମାନ କେତେ ଡାକ୍ତର ପଦବୀ ଖାଲିଅଛି, ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ନୂତନ ଡାକ୍ତର ନିଯୁକ୍ତି କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ କଣ, (ଖ) ରାଜ୍ୟ ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ କଲେଜରୁ ପ୍ରତି ବର୍ଷ କେତେ ଡାକ୍ତରୀ ଶିକ୍ଷା ସମାପ୍ତ କରୁଛନ୍ତି ?

----

## ଥାନାରେ ନିଯୁକ୍ତି

2715 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲାରେ ସମୁଦାୟ କେତୋଟି ଥାନା ରହିଛି, ଏଥରେ ସମୁଦାୟ କେତେ ସଂଖ୍ୟକ ମଞ୍ଜୁରୀ ପ୍ରାପ୍ତ ପଦ ରହିଛି ଓ ବର୍ତ୍ତମାନ ସୁଦ୍ଧା କେଉଁ ଥାନାରେ କେଉଁ ବର୍ଗର କେତେ ପଦବୀ ଖାଲିରହିଛି ?

----

## ଅଭିଯୋଗର ଶୁଣାଣି

2716 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଯାଜପୁର ଜିଲ୍ଲାର ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି ସହିତ ଅନ୍ୟାନ୍ୟ ସମୟରେ ଗତ ଏପ୍ରିଲ ୨୦୨୪ ଠାରୁ ବର୍ତ୍ତମାନ ସୁଦ୍ଧା ଜିଲ୍ଲାପାଳ ଏବଂ ଅନ୍ୟ ଜିଲ୍ଲା ସ୍ତରୀୟ ଅସ୍ୱୀକାରୀଙ୍କ ଦ୍ୱାରା କେତୋଟି ଅଭିଯୋଗ ଗ୍ରହଣ କରି ସମାଧାନ କରାଯାଇଛି, କେତୋଟି ଅଭିଯୋଗ ବିଚାରାଧୀନ ରହିଛି କେବେ ଠାରୁ କାହିଁକି ବିଚାରାଧୀନ ରହିଛି କେଉଁ ଅଧିକାରୀ ନିକଟରେ ରହିଛି; (ଖ) ଜିଲ୍ଲାପାଳଙ୍କ Email ମାଧ୍ୟମରେ ସାଧାରଣ ଲୋକ ବା ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଆସିଥିବା ଅଭିଯୋଗ ଉପରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି, କେତୋଟି ଅଭିଯୋଗ ବିଚାରାଧୀନ ରହିଛି, କେଉଁ ଅଧିକାରୀ ନିକଟରେ ଅଭିଯୋଗ ରହିଛି, କେଉଁ ଦିନ ଠାରୁ ରହିଛି ଏବଂ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Plot allotment in Bharatpur Mouza

2717 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Will the Govt. in G.A. & P.G. Deptt. furnish the details list of plots exchanged to other suitable vacant plots in different drawing Nos. allotted plots in Drg. No. B/372. i.e. (from Plot No. 1 to 660), plots in Drg. No. B/371. i.e. (from Plot No. 1 to 950), plots in Drg. No. B/361. i.e. (from Plot No. 1 to 450), plots in Drg. No. B/360. i.e. (from Plot No. 1 to 545) all are in Mouza- Ghatikia as well as plots in Drawing.No. B/367( from Plot No. 1 to 990) of Mouza- Bharatpur and Sampur to that of other different plots and Drawing Nos. due to forest Kisam plots and other reason; the detail

list of plot nos., Drawing Nos., date of allotment, possession of so exchanged plots by G.A. & P.G. Deptt. along with name of the allottees with detail address, thereof etc. be furnished in tabular manner ?

----

## ୧୦୮ ଆମ୍ବୁଲାନ୍ସ ସେବା ସମ୍ପର୍କରେ

2718 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ୧୦୮ Ambulance ଆମ୍ବୁଲାନ୍ସ ସେବାକୁ କେଉଁ ଠିକା ସଂସ୍ଥାକୁ ଦାୟିତ୍ୱ ଦେଇଛନ୍ତି ଓ କେତେ ବର୍ଷ ପାଇଁ ଦେଇଛନ୍ତି, ସେହି ସଂସ୍ଥା Ambulance ଗୁଡ଼ିକର Proper Maintenance କରୁଛି କି ; ରୋଗୀମାନେ ଅଧାବାଟରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବା ୧୦୮ ଆମ୍ବୁଲାନସ ସେବାକୁ ନିଜ ଅଧିନରେ ରଖିବେ କି; ଅଧୁନା କିଲୋମିଟରକୁ କେତେ ଟଙ୍କା ହିସାବରେ ଠିକା ସଂସ୍ଥା Tender ପାଇଛି ଓ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ କେଉଁ Category ହିସାବରେ ଦରମା ଦେଉଛି, Salary Structure କଣ ଅଛି ?

----

## Ambulance ସେବା ସୃଦୃଢ଼ କରିବାକୁ ପଦକ୍ଷେପ

2719 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତୋର୍ତ୍ତୋଲ ଅଧିନରେ ଥିବା ୩ ଗୋଟି ବ୍ଲକ ବିରିଡ଼ି , ରଘୁନାଥପୁର ଓ ତିର୍ତ୍ତୋଲରେ ବିଭିନ୍ନ Medical ରେ କେତେ ଗୋଟିAmbulance ଅଛି Ambulance Maintenance ବିଗତ ୨ ବର୍ଷ ମଧ୍ୟରେ କେତେ ଅର୍ଥ ରାଶି ଖର୍ଚ୍ଚ କରାଯାଇଛି ଏବଂ New Ambulance ସେବା ଯୋଗାଇ ଦେବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି; Ambulance କୁ Call କଲେ କେତେ ସମୟ ମଧ୍ୟରେ ରୋଗୀକୁ Pick - Up କରାଯାଉଛି ; Head Quarter ରେ Ambulance ସେବାକୁ ସୃଦୃଢ଼ କରିବା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## Dialysis Centre at SDH, Biramaharaj pur

2720 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- That large number of people out of nearly 40,000 people spread up across 10 Panchayats of Birmaharajpur block are affected by kidney related disease due to bad under ground drinking water in these area, Will the govt take steps to set up a dialysis centre at SDH, Biramaharaj pur to help these patients?

----

## Pension ପ୍ରଦାନ ବ୍ୟବସ୍ଥା

**2721 ଡା. ଫକୀର ମୋହନ ନାଏକ (ତେଲକୋଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ଥିବା ବିଭିନ୍ନ ସରକାରୀ ଅଫିସରେ କେତେ ଜଣ DLR, NMR କର୍ମଚାରୀ କେବେଠାରୁ କାମ କରୁଛନ୍ତି, ସେମାନଙ୍କୁ ଚାକିରିରେ ସ୍ଥାୟୀ କରିବା ସହିତ ଚାକିରୀରୁ ଅବସର ଗଲେ pension ଦେବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଡାକ୍ତର ନିଯୁକ୍ତି

**2722 ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 15 ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କେନ୍ଦ୍ରାପଡା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ସହ PHC ଓ CHC ଗୁଡିକରେ ଡାକ୍ତର ମାନଙ୍କର ଅଭାବ ରହିଛି, ଏଥିପାଇଁ କି ପଦକ୍ଷେପ ନେଉଛନ୍ତି ?

----

## Supply of 3 ERSS Vehicles

**2723 ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- That has been sent to Home department for 3 ERSS vehicles for Sonepur district, can govt. update on the status of supply ?

----

## Trauma Care Centre ସ୍ଥାପନ

**2724 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଦୁର୍ଘଟଣା ଜନିତ ରୋଗୀମାନଙ୍କ ପାଇଁ କୌଣସି ପ୍ରକାରର ବିଶେଷ ଚିକିତ୍ସା ସୁବିଧା ନଥିବା ତଥା Trauma Care Centre ନଥିବା ହେତୁ ସେହି ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ (refer) କରୁଥିବା ବିଷୟରେ ସରକାର ଅବଗତ ଅଚନ୍ତି କି, ଯଦି ହଁ, ତେବେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ଏଠାରେ ଏକ ନୂତନ ଓ ଅତ୍ୟାଧୁନିକ Trauma Care Centre ପ୍ରତିଷ୍ଠା କରିବାର ଯୋଜନା ରଖିଛନ୍ତି କି ?

----

## ଏମ୍.ବି.ବି.ଏସ୍ ଡାକ୍ତରଙ୍କ ସମ୍ପର୍କରେ

**2725 ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାରୁ ପ୍ରତି ବର୍ଷ କେତେ ଏମ୍.ବି.ବି.ଏସ୍ ଛାତ୍ରୀ ଉତ୍ତୀର୍ଣ୍ଣ ହେଉଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଉଛନ୍ତି, ଯେଉଁମାନେ ନିଯୁକ୍ତି ପାଇବା ପରେ ଇସ୍ତଫା ଦେଇ ଓଡିଶା ବାହାରକୁ ଚାଲି ଯାଉଛନ୍ତି ସେମାନଙ୍କ ପାଇଁ କ'ଣ ପଦକ୍ଷେପ ନେଉଛନ୍ତି ?

----

## ପଞ୍ଜିକୃତ ନିଖୋଜ ମହିଳା ଓ ଶିଶୁଙ୍କ ସଂଖ୍ୟା

**2726 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଚଳିତ 2025-26 ଆର୍ଥିକ ବର୍ଷ ମଧ୍ୟରେ କେତେଜଣ ମହିଳା ଓ ଶିଶୁ ନିଖୋଜ ହୋଇଥିବା ପଞ୍ଜିକରଣ ହୋଇଛି, କେତେଜଣଙ୍କୁ trace-out କରାଯାଇ ପରିବାରକୁ ଫେରିଅଛନ୍ତି ଏବଂ ଅଦ୍ୟାବଧି କେତେ ନିଖୋଜ ଅଛନ୍ତି ଏବଂ ଏଥିରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଧରାଯାଇ କି ପ୍ରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇଛି ?

----

## Number of Missing Women & Children

**2727 ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- How many Women & Children have gone missing in last 5 years, will the govt. furnish details of missing and trace out year-wise ?

----